

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୨ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 May 2026

Vol.No. 36 ■ No.133 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net



Smiles of Success

## Sulagna CHSE Toppers -2026

100% Result

| Appeared | 1st Division | Above 540 | Above 500 |
|---|---|---|---|
| 274 | 265 | 13 | 62 |

➤ ଦଶମରେ ୯୦% ରଖି ଆଡ୍‌ମିଶନ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୬ ଜଣ ।

➤ ଦଶମ ମାର୍କରୁ +୨ ବିଜ୍ଞାନରେ ଅଧିକା ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧୬ ଜଣ ।


10th - 540
578
Jyotirmayee Nath


10th - 552
577
Pabitra Mohan Khatua


10th - 552
573
Namrata Jena


10th - 495
573
Subhapriya Jena


10th - 464
561
Jagadish Parida


10th - 448
558
Abinash Behera


10th - 535
556
Arya Rupa Parida


10th - 524
550
Sandhyarani Padhi


10th - 501
549
Abdul Akil Khan


10th - 480
547
Debabrata Singh


10th - 540
547
Satyabrata Kar


10th - 532
545
Rajanandini Giri


10th - 540
542
Kisan Ku. Roul

Admission Open -2026-27

Sulagna Institute of Medical Sciences

(Approved by DMET, Health & Family Welfare Department, Govt. Of Odisha)

B.Sc. Nursing

Sulagna

HIGHER SECONDARY SCHOOL

+2 Science Residential College, Balasore

(Permanent Recognition & Affiliation, Govt. of Odisha)

Campus- Sarita Nagar, Mathasahi, Balasore. Mob: 9853200320,7978702609, 7008050860, 9078302001, 7008084959

City Office : Sulagna Public School. Mob: 9040529298, 7978474402, 9437266157 website :www.sulagnacollege.org

# ଓଡ଼ିଶା ମେଟାଲିକ୍ସ ବିରୁଦ୍ଧରେ ଅଂଚଳବାସୀଙ୍କ ଯୁଦ୍ଧଂଦେହି ଡାକରା: ୨୪ ମଧ୍ୟରେ ପଦକ୍ଷେପ ନ ନେଲେ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୨୧/୦୫ (ନି.ପ୍ର): ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ମରାକୁଟାସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ବେଆଇନ ଜଳ ଶୋଷଣ, ନଦୀ ପ୍ରଦୂଷଣ ଓ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ ଉଠାଇ ମଙ୍ଗଳବାର ଶତାଧିକ ମହିଳା ଓ ଗ୍ରାମବାସୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜମେରା, ଇବ୍, ମରାକୁଟା, ବୁଢ଼ୀପଦର ସହ ବ୍ରଜରାଜନଗର ପୌରାଚଂଳର ବିଭିନ୍ନ ଅଂଚଳର ଲୋକେ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କମ୍ପାନୀ ପକ୍ଷରୁ ଗ୍ରୀଷ୍ମ ଋତୁରେ ଇବ ନଦୀରୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ପାଣି ଉଠାଇବାକୁ କୌଣସି ଅନୁମତି ନଥିବା ସତ୍ୱେ ବେଆଇନ ଭାବେ ପାଇପ ଲାଇନ୍ ଯୋଗେ ପ୍ରଚୁର ପରିମାଣରେ ଜଳ ଉତୋଳନ କରାଯାଉଛି। ଏହାର ପ୍ରଭାବରେ ଜମେରା, ଇବ୍, ମରାକୁଟା, ବୁଢ଼ୀପଦର ଏବଂ ନଦୀ ସେପାରିର ରେମଜା, ତେଲେନପାଲି, ଇଟାଭଟା ଓ ଗୋଣ୍ଡଘୋରା ଆଦି ଗ୍ରାମରେ ଭୟଙ୍କର ଜଳ ସଙ୍କଟ ଦେଖାଦେଇଛି। ଅଂଚଳବାସୀ ଆହୁରି ଅଭିଯୋଗ କରିଛନ୍ତି ଯେ, କମ୍ପାନୀ ଅନୁମତି ଠାରୁ ଅଧିକ ଗଭୀର ନଳକୂପ ଖୋଦନ କରି ଭୂତଳ ଜଳ ଶୋଷଣ କରୁଥିବାରୁ ସ୍ଥାନୀୟ ଅଂଚଳର ସାଧାରଣ ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଛି। ପ୍ରାୟ ୪୦ରୁ ଅଧିକ ଗ୍ରାମର ଲୋକେ ପାନୀୟ ଜଳ ଓ ଜଳସେଚନ ପାଇଁ ଇବ୍ ନଦୀ ଉପରେ ନିର୍ଭର କରୁଥିବା ବେଳେ କମ୍ପାନୀର ଦୂଷିତ ବର୍ଜ୍ୟଜଳ ଜମେରା ନାଳ ମାଧ୍ୟମରେ ନଦୀକୁ ଛଡ଼ାଯାଉଥିବାରୁ ନଦୀଜଳ ପ୍ରଦୂଷିତ ହେଉଥିବା ସେମାନେ ଦର୍ଶାଇଛନ୍ତି। ଏହା ସହ କମ୍ପାନୀ ପ୍ରାୟ ୧୦.୪୯ ଏକର ଗ୍ରାମ୍ୟ ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରିଥିବା ଅଭିଯୋଗ ମଧ୍ୟ ହୋଇଛି। ଏନେଇ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ପୂର୍ବରୁ ଜମି ମୁକ୍ତ କରିବାକୁ ନୋଟିସ ଜାରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଏହା ଜଳ ଆଇନ-୧୯୭୪, ପରିବେଶ ସୁରକ୍ଷା ଆଇନ-୧୯୮୬ ଓ ଜଙ୍ଗଲ ଅଧିକାର ଆଇନ-୨୦୦୬ର ଉଲ୍ଲଂଘନ ବୋଲି ସେମାନେ ଦାବି କରିଛନ୍ତି। ଗତ ୧୩ ମଇ ଠାରୁ ଅଂଚଳବାସୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିବା ବେଳେ ମଙ୍ଗଳବାର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ଦାଖଲ କରାଯାଇଛି। ସେଥିରେ ଇବ୍ ନଦୀରୁ ବେଆଇନ ପାଣି ଉଠାଣ ବନ୍ଦ, ଭୂତଳ ଜଳ ଶୋଷଣ ରୋକ, ଜମେରା ନାଳରେ ଦୂଷିତ ଜଳ ନିଷ୍କାସନ ବନ୍ଦ ଓ ଜବରଦଖଲ ଜଙ୍ଗଲ ଜମି ତୁରନ୍ତ ମୁକ୍ତ କରିବା ଦାବି ରହିଛି। ଆସନ୍ତା ୨୪ ମଇ ସୁଦ୍ଧା ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନ ନିଆଗଲେ ୨୫ ମଇରେ ତହସିଲଦାରଙ୍କ ବିରୋଧରେ ମହାମହିମ ରାଷ୍ଟ୍ରପତି ଓ ଜାତୀୟ ମାନବାଧିକାର କମିଶନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସୋରେଙ୍ଗ ଦାବିପତ୍ର ଗ୍ରହଣ କରିଥିଲେ। ସେ ପ୍ରତିନିଧିମଣ୍ଡଳୀକୁ ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା, ସୁରେଖା ଶେଖର ଦେଓ, ବିନ୍ଦୁରେଖା ଭୋଇ, ସୁବାସିନୀ ସେଠ, ପ୍ରଭାସିନୀ ମାଲି, ସେବତୀ ଲୁହା, ଜ୍ୟୋସ୍ନା ମାଝୀ, ଟିକେଶ୍ୱରୀ ପ୍ରଧାନ, ଆରତୀ ସାହୁଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# କୋରାପୁଟ ଓଡ୍ରାଫ୍ ଟିମ୍ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ପ୍ରଦର୍ଶନୀ

ଜୟପୁର, ୨୧/୦୫ (ନି.ପ୍ର): କୋରାପୁଟ ଓଡ୍ରାଫ୍ ଟିମ୍ ଦ୍ୱାରା ଏନସିସି ବାର୍ଷିକ ପ୍ରଶିକ୍ଷଣ ଶିବିର ଠାରେ କ୍ୟାଡେଟମାନଙ୍କୁ ବିପର୍ଯ୍ୟୟ ମୁକାବିଲା ଓ ଜୀବନ ରକ୍ଷାକାରୀ କୌଶଳ ବିଷୟରେ ସଚେତନ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। କୋରାପୁଟ ଓଡ୍ରାଫ୍ ଦଳର ଅଭିଜ୍ଞ ହାବିଲଦାର ଟି. ଆର.କୁମାରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ପ୍ରଦର୍ଶନୀ ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଓ ପ୍ରଶିକ୍ଷଣହାବିଲଦାର ଟି. ଆର. କୁମାର ଓ ତାଙ୍କ ଟିମ୍ ଏନସିସି କ୍ୟାଡେଟମାନଙ୍କ ସମ୍ମୁଖରେ ବିଭିନ୍ନ ପ୍ରାକୃତିକ ଓ ମାନବକୃତ ବିପର୍ଯ୍ୟୟ ସମୟରେ ବ୍ୟବହାର କରାଯାଉଥିବା ଆଧୁନିକ କୌଶଳ ପ୍ରଦର୍ଶନ କରିଥିଲେ। ଉଦ୍ଧାର କାର୍ଯ୍ୟ କୌଶଳ, ଭୂମିକମ୍ପ କିମ୍ବା କୋଠା ଭୁଶୁଡ଼ିବା ସମୟରେ ଆହତମାନଙ୍କୁ କିପରି ସୁରକ୍ଷିତ ଭାବେ ବାହାର କରାଯାଏ, ତାହା ଦେଖାଇଥିଲେ। ବନ୍ୟା ଓ ଜଳ ବିପର୍ଯ୍ୟୟ ମୁକାବିଲା: ପାଣିରେ ବୁଡ଼ିଯାଉଥିବା ଲୋକଙ୍କୁ ବଂଚାଇବା ପାଇଁ ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ଏବଂ ଉଦ୍ଧାରକାରୀ ଡଙ୍ଗାର ସଠିକ୍ ବ୍ୟବହାର ଶିଖାଇଥିଲେ। ପ୍ରାଥମିକ ଚିକିତ୍ସା ଦୁର୍ଘଟଣା ବା ଅଣନିଶ୍ୱାସୀ ହୋଇପଡ଼ିଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ପୂର୍ବରୁ କିପରି ସିପିଆର ଦିଆଯାଏ ଏବଂ ରକ୍ତସ୍ରାବ ବନ୍ଦ କରାଯାଏ, ତା'ର ଲାଇଭ୍ ଡେମୋ ଦିଆଯାଇଥିଲା। ଉପକରଣ ପ୍ରଦର୍ଶନ: ଗଛ କାଟିବା ମେସିନ, କଂକ୍ରିଟ୍ କଟର ଏବଂ ବିପର୍ଯ୍ୟୟ ସମୟରେ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ଅତ୍ୟାଧୁନିକ ଯନ୍ତ୍ରପାତିର କାର୍ଯ୍ୟକାରିତା ବୁଝାଇଥିଲେ। କ୍ୟାଡେଟମାନଙ୍କ ଅଂଶଗ୍ରହଣ ହାବିଲଦାର କୁମାରଙ୍କ ମାର୍ଗଦର୍ଶନରେ କ୍ୟାଡେଟମାନଙ୍କୁ ନିଜେ କିଛି ଉଦ୍ଧାର କାର୍ଯ୍ୟର ଅଭ୍ୟାସ କରିବାର ସୁଯୋଗ ମିଳିଥିଲା। ଏହା କ୍ୟାଡେଟମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା। ଓଡ୍ରାଫ୍ ଟିମ୍ ର ଏହି ପ୍ରଶଂସନୀୟ କାର୍ଯ୍ୟ ପାଇଁ କ୍ୟାମ୍ପ କମାଣ୍ଡାଂଟ ଏବଂ ଅନ୍ୟାନ୍ୟ ଏନସିସି ଅଧିକାରୀମାନେ ହାବିଲଦାର ଟି. ଆର. କୁମାର ଓ ତାଙ୍କ ଦଳକୁ ଧନ୍ୟବାଦ ଜଣାଇଥିଲେ।

# ଭୁବନରେ ବିଜେଡିର ନାରୀ ଅଧିକାର ଅଭିଯାନ

ଭୁବନ, ୨୧/୦୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ସହରରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ମହିଳା ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ତଥା ଏନ୍ ଏ ସି ବିଜେଡି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ୱାବଧାନରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଡାକ ବଙ୍ଗଳା ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ନାରାବାଜି କରି ନୂଆ ବଜାର, ବସଷ୍ଟାଣ୍ଡ ଦେଇ କାଳୀ ବଜାର ଠାରେ ପହଂଚିଥିଲେ। ସହିଦ ବାଜି ରାଉତଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ବିଜେଡି ସଭାପତି ଡଃ. ନୃସିଂହ ଚରଣ ସାହୁଙ୍କ ସମେତ କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ନରୋତମ ସାହୁ, ସାଂସଦ ପ୍ରାର୍ଥୀ ଡଃ. ଅବିନାଶ ସାମଲ, ଭୁବନ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ଜିଲ୍ଲା ବିଜେଡି ସଭାନେତ୍ରୀ ଶ୍ରୀମତୀ ସାଗରିକା ମିଶ୍ର, ଉପ ସଭାନେତ୍ରୀ ଶ୍ରୀମତୀ ତିଲୋତମା ଚୌଧୁରୀ, ଭୁବନ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶ୍ରୀମତୀ ପୁଷ୍ପଲତା ରାଉତ, କାମାକ୍ଷାନଗର ଏନ୍ ଏ ସି ସଭାନେତ୍ରୀ ଶ୍ରୀମତୀ ରଞ୍ଜିତା ବେହେରା, ଭୁବନ ଏନ୍ ଏ ସି ଉପାଧ୍ୟକ୍ଷା ଶ୍ରୀମତୀ ମାନିନୀ, ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଜେଡି ସାଧାରଣ ସଂପାଦକ ନରେନ୍ଦ୍ର କୁମାର ସାହୁ, ଅଜୟ ସେଠୀ, ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଚେୟାରମ୍ୟାନ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବ୍ଲକ ବିଜେଡି ସଭାପତି ଆଇନଜିବୀ ପ୍ରଭାସ ମିଶ୍ର ପ୍ରମୁଖ ମଂଚାସିନ ହୋଇ ବକ୍ତବ୍ୟ ରଖିଥିଲେ। ମହିଳା ମାନଙ୍କୁ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୦ ଦଶକରେ ସର୍ବ ପ୍ରଥମେ ମହିଳା ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ ଓ ରୋଷଶାଳାରୁ ଲୋକସଭାରେ ପହଂଚାଇଥିଲେ। ନାରୀ ମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତକ ଓ ପଥ ପ୍ରଦର୍ଶକ। ବିଜୁଙ୍କ ଆଦର୍ଶରେ ନବୀନ ପଟ୍ଟନାୟକଙ୍କ ସରକାର ପଂଚାୟତ ଓ ପୌର ନିର୍ବାଚନରେ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ସହ ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଦଳୀୟ ଟିକେଟ ପ୍ରଦାନ କରିଥିଲେ। ୨୦୨୩ ରେ ମଧ୍ୟ ସଂସଦରେ ବିଜେଡି ମହିଳା ସଂରକ୍ଷଣ ବିଲ୍ କୁ ସମର୍ଥନ କରିଥିଲା। ପାର୍ଲ୍ୟାମେଂଟରେ ଏହି ବିଲ୍ ପାସ୍ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ସାରିଛି। କିନ୍ତୁ, କେନ୍ଦ୍ର ସରକାର ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବର୍ତମାନ ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣ ବିଲ୍ କୁ ଯୋଡ଼ି ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ନିଜ ଭୁଲ ଓ ଦୋଷ ଲୁଚାଇବା ସହିତ ଜନତାଙ୍କ ଆକ୍ରୋଶରୁ ବର୍ତିବା ସକାଶେ ଜନ ଆକ୍ରୋଶ ରାଲି କରି ଫାର୍ସ ଚଳାଇଛି। ନାରୀ ନିର୍ଯାତନା, ହତ୍ୟା, ଗଣ ଧର୍ଷଣରେ ଓଡ଼ିଶା ସାରା ଦେଶରେ ୧ ନମ୍ବର ସ୍ଥାନ ହାସଲ କରି ଓଡ଼ିଶାକୁ ସାରା ବିଶ୍ୱରେ ବଦନାମ କରିଦେଇଛି। ଯେଉଁଥି ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ତା' ଦେଶବାସୀଙ୍କୁ ଓଡ଼ିଶା ନଆସିବାକୁ ମାର୍ଗ ଦର୍ଶନ ଜାରି କରିଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁକୁ ପ୍ରମାଣ କରି ପ୍ରାପ୍ୟ ପାଇବାକୁ ଭାଇ କଙ୍କାଳ ବୋହି ବ୍ୟାଙ୍କକୁ ନେବା ଘଟଣା ଅନ୍ତର୍ଜାତୀୟ କ୍ଷେତ୍ରରେ ଓଡିଶାକୁ ନିନ୍ଦିତ ଓ ଅପମାନିତ କରି ଦେଇଛି। ଶାନ୍ତିପ୍ରିୟ ଓଡ଼ିଶାକୁ ବିଜେପି ଅଶାନ୍ତ କରିଦେଇଛି। ମହିଳା ଆଇ ଆଇ ସି ବାଲି ମାଫିଆଙ୍କ ଠାରୁ ମାଡ ଖାଉଛନ୍ତି। ଡବଲ ଇଞ୍ଜିନ ସରକାରରେ ମହିଳା ବିପଦରେ ବୋଲି ବର୍ଣ୍ଣନା କରିଥିଲେ। ପରେ ନେତୃମଣ୍ଡଳୀ ଭୁବନ ତହସିଲ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାରଙ୍କୁ ମହାମହିମ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, କାଉନସିଲର, ବିଜୁ ଯୁବ, ଛାତ୍ର, ମହିଳା କାର୍ଯ୍ୟକର୍ତା ମାନେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

# ଭାରତୀୟ ବୈଜ୍ଞାନିକ ବିଶ୍ୱସ୍ତରୀୟ ସମ୍ମାନରେ ସମ୍ମାନିତ : ଡା. ସୌମ୍ୟା ସ୍ୱାମୀନାଥନ ରୋୟାଲ ସୋସାଇଟିର ଫେଲୋ ଭାବେ ନିର୍ବାଚିତ

ଜୟପୁର, ୨୧/୦୫ (ନି.ପ୍ର): ପ୍ରସିଦ୍ଧ ବୈଜ୍ଞାନିକ ଏବଂ ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ଡା. ସୌମ୍ୟା ସ୍ୱାମୀନାଥନଙ୍କୁ ବିଶ୍ୱ ବିଜ୍ଞାନ କ୍ଷେତ୍ରର ସର୍ବାଧିକ ସମ୍ମାନଜନକ ସ୍ୱୀକୃତିମାନଙ୍କ ମଧ୍ୟରୁ ଗୋଟିଏ 'ରୋୟାଲ ସୋସାଇଟି ଫେଲୋ' ଭାବେ ନିର୍ବାଚିତ କରାଯାଇଛି। ୧୬୬୦ ମସିହାରେ ଲଣ୍ଡନରେ ସ୍ଥାପିତ ରୋୟାଲ ସୋସାଇଟି ବିଶ୍ୱର ସବୁଠାରୁ ପୁରାତନ ଏବଂ ସମ୍ମାନିତ ବିଜ୍ଞାନ ଭିତିକ ସଂସ୍ଥାମାନଙ୍କ ମଧ୍ୟରୁ ଗୋଟିଏ। ଏହାର ଫେଲୋମାନଙ୍କ ମଧ୍ୟରେ ଆଇଜାକ ନିଉଟନ, ଚାର୍ଲସ ଡରବିନ, ଆଲବର୍ଟ ଆଇନଷ୍ଟାଇନ ପରି ବିଶ୍ୱପ୍ରସିଦ୍ଧ ବିଜ୍ଞାନୀମାନେ ରହିଛନ୍ତି। ଡା. ସୌମ୍ୟାଙ୍କର ଏହି ନିର୍ବାଚନ ତାଙ୍କୁ ସେହି ଗୌରବମୟ ପରମ୍ପରାରେ ସ୍ଥାନ ଦେଇଛି ଏବଂ ଭାରତୀୟ ବିଜ୍ଞାନ ପାଇଁ ଗର୍ବର ମୁହୂର୍ତ ସୃଷ୍ଟି କରିଛି।

ଏହି ସମ୍ମାନ ଅନେକ ଦିଗରୁ ଐତିହାସିକ, ଡା. ସୌମ୍ୟା ସ୍ୱାମୀନାଥନ ଗଗନଦୀପ କଙ୍ଗ ଙ୍କ ପରେ ରୋୟାଲ ସୋସାଇଟିର ୩୬୫ ବର୍ଷର ଇତିହାସରେ ରୋୟାଲ ସୋସାଇଟି ଫେଲୋ ଭାବେ ଦ୍ୱିତୀୟ ଭାରତୀୟ ମହିଳା ବିଜ୍ଞାନୀ ନିର୍ବାଚିତ ହୋଇଛନ୍ତି। ଏହାଠାରୁ ଅଧିକ ଗର୍ବର ବିଷୟ ହେଉଛି, ସେ ତାଙ୍କ ପିତା ଭାରତ ରତ୍ନ ଏମ.ଏସ୍. ସ୍ୱାମିନାଥନ୍ ଙ୍କ ସହ ଏହି ସମ୍ମାନ ଅର୍ଜନ କରିଛନ୍ତି। ଭାରତର "ହରିତ ବିପ୍ଲବର ଜନକ" ଭାବେ ପରିଚିତ ପ୍ରଫେସର ଏମ.ଏସ. ସ୍ୱାମୀନାଥନଙ୍କ ପରେ ଡା. ସୌମ୍ୟା ମଧ୍ୟ ରୋୟାଲ ସୋସାଇଟିର ଫେଲୋ ହୋଇଛନ୍ତି। ଏହା ସହିତ ସେମାନେ ଭାରତର ପ୍ରଥମ ପିତା-କନ୍ୟା ଯୁଗଳ ଭାବେ ଏହି ସମ୍ମାନ ଲାଭ କରି ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି, ଯାହା ବିଜ୍ଞାନ ଏବଂ ସମାଜ ପ୍ରତି ଏହି ପରିବାରର ଅସାଧାରଣ ଅବଦାନକୁ ପ୍ରତିଫଳିତ କରେ।

ଡା. ସୌମ୍ୟା ସ୍ୱାମୀନାଥନ ଚିକିତ୍ସା ଗବେଷଣା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ନେତୃତ୍ୱ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ପେଶାରେ ଜଣେ ଶିଶୁ ଚିକିତ୍ସକ ଥିବା ସେ ଯକ୍ଷ୍ମାରୋଗ ଏବଂ ଐଓଠ ଉପରେ ତାଙ୍କର ଗବେଷଣା ପାଇଁ ଆନ୍ତର୍ଜାତୀୟ ସ୍ତରରେ ପରିଚିତ। ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ର ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ ଏବଂ କୋଭିଡ୍-୧୯ ମହାମାରୀ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ନୀତି ଓ ବୈଜ୍ଞାନିକ ପଦକ୍ଷେପକୁ ନେତୃତ୍ୱ ଦେବାରେ ମୁଖ୍ୟ ଭୂମିକା ନେଇଥିଲେ। ଭାରତରେ ସେ ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ମହାନିର୍ଦ୍ଦେଶିକା ଭାବେ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟ ଗବେଷଣା ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ ଏବଂ ପ୍ରମାଣ ଆଧାରିତ ସ୍ୱାସ୍ଥ୍ୟସେବାକୁ ଆଗେଇ ନେଇଥିଲେ। ରୋୟାଲ ସୋସାଇଟିରେ ତାଙ୍କର ନିର୍ବାଚନ ତାଙ୍କର ସାରାଜୀବନର ବିଜ୍ଞାନ ଓ ମାନବସେବା ପ୍ରତି ସମର୍ପଣର ପ୍ରମାଣ। ଏମ.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ ତାଙ୍କର ଏହି ସଫଳତା ପାଇଁ ଗୌରବାନ୍ୱିତ। ଏହି ସମ୍ମାନ କେବଳ ଡା. ସୌମ୍ୟାଙ୍କ ବ୍ୟକ୍ତିଗତ ସଫଳତାକୁ ନୁହେଁ, ବରଂ ବିଶ୍ୱ ବିଜ୍ଞାନ କ୍ଷେତ୍ରରେ ଭାରତର ବଢୁଥିବା ପ୍ରତିଷ୍ଠାକୁ ମଧ୍ୟ ପ୍ରକାଶ କରୁଛି। ବିଶେଷକରି ଯୁବ ଗବେଷକ ଏବଂ ମହିଳା ବୈଜ୍ଞାନିକମାନଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ମୁହୂର୍ତ। ଡା. ସୌମ୍ୟା ସ୍ୱାମୀନାଥନଙ୍କ ରୋୟାଲ ସୋସାଇଟି ଫେଲୋ ଭାବେ ନିର୍ବାଚନ କେବଳ ଜଣେ ବ୍ୟକ୍ତିଙ୍କ ସମ୍ମାନ ନୁହେଁ; ଏହା ସମଗ୍ର ଭାରତ ପାଇଁ ଏକ ଜାତୀୟ ଗର୍ବର ବିଷୟ। ପ୍ରଫେସର ଏମ.ଏସ. ସ୍ୱାମୀନାଥନଙ୍କ କୃଷି ନବୀନତା ଯେପରି ଭାରତର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିଥିଲା, ସେପରି ଡା. ସୌମ୍ୟାଙ୍କ ବିଶ୍ୱ ସ୍ୱାସ୍ଥ୍ୟ ନେତୃତ୍ୱ ବିଶ୍ୱର ଅନେକ ଜନଜୀବନ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ସମ୍ମାନ ଭାରତୀୟ ବିଜ୍ଞାନର ଇତିହାସରେ ଏକ ଗର୍ବିତ ଅଧ୍ୟାୟ ଭାବେ ଚିରସ୍ଥାୟୀ ସ୍ମରଣୀୟ ହୋଇ ରହିବ।

# ସନ୍ଦେହଜନକ ଅବୈଧ ସମ୍ପର୍କକୁ କେନ୍ଦ୍ର କରି ହତ୍ୟା : ୩ ଯୁବକ ଗିରଫ

ଝାରସୁଗୁଡା, ୨୧/୦୫ (ନି.ପ୍ର): ଅବୈଧ ସମ୍ପର୍କ ସନ୍ଦେହକୁ କେନ୍ଦ୍ର କରି ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କୁ ହତ୍ୟା କରିବା ଅଭିଯୋଗରେ ଝାରସୁଗୁଡା ସଦର ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ମୃତକଙ୍କ ପରିଚୟ ସରବାହାଲ ଅଂଚଳର ରୋହିଦାସପଡା ବାସିନ୍ଦା ସୁନ୍ଦର ରୋହିଦାସ (୪୨)। ଅଭିଯୁକ୍ତମାନେ ହେଲେ ରୋହିଦାସପଡାର ହିତେଶ ରୋହିଦାସ (୧୯), ଲିଙ୍ଗା ରୋହିଦାସ (୨୦) ଏବଂ ସରସମାଲର ମଙ୍ଗଳ ସାହୁ (୧୮)। ପୋଲିସ ସୂଚନା ଅନୁଯାୟୀ, ହିତେଶ ଓ ଲିଙ୍ଗାଙ୍କ ମାଆଙ୍କ ସହ ସୁନ୍ଦରଙ୍କ ଅବୈଧ ସମ୍ପର୍କ ଥିବା ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ସୋମବାର ରାତିରେ ସୁନ୍ଦର ନିଜ ଘରେ ଶୋଇଥିବା ବେଳେ ତିନି ଅଭିଯୁକ୍ତ ଘରକୁ ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ଲାଠିରେ ତାଙ୍କୁ ମାଡ଼ ମାରିଥିଲେ। ପରେ ମୁଖ୍ୟ ଅଭିଯୁକ୍ତ ହିତେଶ ସାଇକେଲ କ୍ରାଙ୍କରେ ସୁନ୍ଦରଙ୍କ ମୁଣ୍ଡରେ ଆକ୍ରମଣ କରିଥିବା ପୋଲିସ କହିଛି। ଘଟଣା ପରେ ତିନିଜଣ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ସୁନ୍ଦରଙ୍କୁ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝାରସୁଗୁଡା ଏସ୍ଡିପିଓ ଜି.ଆ.ର ରାଘବେନ୍ଦ୍ର କହିଛନ୍ତି, "ରାତି ପ୍ରାୟ ୧୧ଟା ୩୦ରୁ ମଧ୍ୟରାତ୍ରୀ ମଧ୍ୟରେ ଏହି ହତ୍ୟାକାଣ୍ଡ ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ହିତେଶ ସାଇକେଲ କ୍ରାଙ୍କରେ ମୃତକଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ସହ ଭାଇ ଲିଙ୍ଗା ଓ ମଙ୍ଗଳ ସାହୁ ମଧ୍ୟ ଆକ୍ରମଣରେ ସାମିଲ ଥିଲେ।" ସେ ଆହୁରି କହିଛନ୍ତି ଯେ, ଘଟଣା ପରେ ସଦର ପୋଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍ଡିପିଓ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ପ୍ରମାଣ ସଂଗ୍ରହ କରିଥିବା ସହ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଜବତ କରାଯାଇଛି।

# ପୋଖରୀରୁ ହାତୀ ଛୁଆର ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୨୧/୦୫ (ନି.ପ୍ର): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ପଂଚାୟତ ଜଙ୍କିଆ ଥାନା ଅନ୍ତର୍ଗତ ନିଧିପୁର ଗ୍ରାମ ପୋଖରୀରୁ ବୁଧବାର ସକାଳେ ଏକ ହାତୀ ଛୁଆର ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ବେଗୁନିଆ ବ୍ଲକର ହଜ ଓ ସିକୋ ପଂଚାୟତ ଅଂଚଳରେ କିଛି ମାସ ହେବ ହାତୀପଲ ବୁଲାବୁଲି କରୁଛନ୍ତି। ତେବେ ଆଜି ନିଧିପୁର ଗ୍ରାମ ପୋଖରୀରେ ଏହି ଛୁଆ ହାତୀର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଘଟଣା ସମ୍ପର୍କରେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଛୁଆ ହାତୀର ମୃତଦେହକୁ ଜବତ କରିଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଝାରସୁଗୁଡ଼ା ଜିଲ୍ଲା ପରିବେଶ ସମିତି ବୈଠକ: ପରିବେଶ ସୁରକ୍ଷା ଓ ବିକାଶମୂଳକ କାର୍ଯ୍ୟର ବ୍ୟାପକ ସମୀକ୍ଷା

ଝାରସୁଗୁଡ଼ା, ୨୧/୦୫ (ନି.ପ୍ର): ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରସ୍ଥ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଡିଟୋରିୟମ୍ ହଲ୍ରେ ଜିଲ୍ଲା ପରିବେଶ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରଦୂଷଣ ନିୟନ୍ତ୍ରଣ, ବନୀକରଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି। ଜିଲ୍ଲାର ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆଜିର ଏହି ବୈଠକରେ ଯୋଗଦେଇ କହିଛନ୍ତି, ଯେଉଁ ସବୁ ଶିଳ୍ପ ସଂସ୍ଥା ଧାର୍ଯ୍ୟ ବୃକ୍ଷରୋପଣ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛନ୍ତି ଏବଂ ପରିବେଶ ନିୟମର ଉଲ୍ଲଂଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ବିଧାୟକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ଯେ, କେବଳ କାଗଜପତ୍ର କିମ୍ବା ପ୍ରତିଶ୍ରୁତି ମଧ୍ୟରେ ସୀମିତ ନରହି ବାସ୍ତବରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଏକ ବ୍ୟାପକ ଜନ ଆନ୍ଦୋଳନ ସୃଷ୍ଟି ହେବା ଜରୁରୀ। ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ ଓ ଆଧ୍ୟାତ୍ମିକ ସଂଗଠନ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସାମିଲ କରାଯାଇ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଓ ତାର ସଠିକ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ଆଗାମୀ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୭ ଦିନ ମଧ୍ୟରେ ଚଳିତ ବର୍ଷର ଲକ୍ଷ୍ୟଧାର୍ଯ୍ୟ, ବୃକ୍ଷରୋପଣ ପାଇଁ ଚିହ୍ନଟ ହୋଇଥିବା ଜମିର ପରିମାଣ ଏବଂ ସ୍ଥାନର ଏକ ସମ୍ପୂର୍ଣ୍ଣ ସୂଚୀ ପ୍ରସ୍ତୁତ କରିବାକୁ ସେ ବନଖଣ୍ଡ ଅଧିକାରୀଙ୍କୁ କହିଛନ୍ତି। ଜିଲ୍ଲାରେ ରୋପଣ କରାଯାଉଥିବା ଚାରାର ଗୁଣବତ୍ତା ବଜାୟ ରଖିବା ପାଇଁ ବିଧାୟକ ଜିଲ୍ଲା ବନ ବିଭାଗକୁ ଏକ ସ୍ୱତନ୍ତ୍ର ସର୍କୁଲାର୍ ଜାରି କରିବାକୁ କହିଛନ୍ତି। ଏହି ସର୍କୁଲାର୍ ଅନୁଯାୟୀ, ସମସ୍ତ ସଂସ୍ଥା କେବଳ ବନ ବିଭାଗରୁ ହିଁ ଚାରା କିଣିବା ବାଧ୍ୟତାମୂଳକ ହେବ ଏବଂ ରୋପଣ କରାଯାଉଥିବା ଚାରାଗୁଡ଼ିକର ବୟସ ଅତିକମରେ ୧୮ ମାସରୁ ଅଧିକ ହେବା ଆବଶ୍ୟକ, ଯାହାଦ୍ୱାରା ଚାରାଗୁଡ଼ିକ ନଷ୍ଟ ନହୋଇ ସହଜରେ ବଢ଼ିପାରିବ। ଏହି ବୈଠକରେ ବର୍ଷ ୨୦୨୬-୨୭ ପାଇଁ ବିଭିନ୍ନ କର୍ପୋରେଟ୍ ଏବଂ ଖଣି ସେକ୍ଟରକୁ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ୨୫ ସେପ୍ଟେମ୍ବର ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଗ୍ରଗତିର ସମୀକ୍ଷା ପାଇଁ ପରବର୍ତୀ ସମୟରେ ପ୍ଲାଂଟେସନ ମନିଟରିଂ କମିଟିକୁ ମଧ୍ୟ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଜିଲ୍ଲା ପରିବେଶ ସମିତି ବୈଠକର ପ୍ରାରମ୍ଭରେ ବନଖଣ୍ଡ ଅଧିକାରୀ ଶ୍ରୀ ମନୁ ଅଶୋକ ଭଟ୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଓ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରେ ସରକାରୀ ପତିତ ଜମିରେ ବ୍ୟାପକ ବନୀକରଣ, 'ଝାରସୁଗୁଡ଼ା ନଗର ବନ'ର ସୃଷ୍ଟି, ହୀରାକୁଦ ଜଳଭଣ୍ଡାରର ପରିବେଶ ସଂରକ୍ଷଣ ଏବଂ ସହରର ବିଭିନ୍ନ ସରକାରୀ ବିଦ୍ୟାଳୟର ଚତୁଃପାର୍ଶ୍ୱ ପ୍ରାଚୀର କଡ଼ରେ ଅଧିକ ଦୃଶ୍ୟମାନ ହେବା ଭଳି 'ମିୟାୱାକି' ପଦ୍ଧତିରେ ବୃକ୍ଷରୋପଣ କରିବା ଭଳି ଜନହିତକର ପ୍ରସଙ୍ଗ ସାମିଲ ରହିଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବେଦାନ୍ତ, ଏନଆଲସି ତଳାବିରା, ଏମସିଏଲ୍, ଓରିଏଂଟ, ଏସଏମସି - ୨, ଜେଏସଡବ୍ଲ୍ୟୁ ଏବଂ ଆପାର୍ ଇଣ୍ଡଷ୍ଟ୍ରିଜ୍ ଭଳି ପ୍ରମୁଖ ସଂସ୍ଥାଗୁଡ଼ିକ ପରିବେଶ ନିୟମାବଳୀର ଉଲ୍ଲଂଘନ କରିଥିବା ଓ ବୃକ୍ଷରୋପଣ ଲକ୍ଷ୍ୟ ପୂରଣରେ ବିଫଳ ହୋଇଥିବା ଜଣାପଡ଼ିଛି। ଏହି ଖଣିଜ ଓ ଶିଳ୍ପ ସଂସ୍ଥାଗୁଡ଼ିକର ମନୋମୁଖୀ କାର୍ଯ୍ୟକଳାପକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ, ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିନଥିବା ପ୍ରତି ଖିଲାପକାରୀ ସଂସ୍ଥାଠାରୁ 'ପ୍ରତି ଗଛ ପିଛା ୧୦୦ ଟଙ୍କା' ହିସାବରେ ଜରିମାନା ଆଦାୟ କରିବାକୁ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ, ଜିଲ୍ଲାର ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ପରିସର ମଧ୍ୟରେ ମିୟାୱାକି ପଦ୍ଧତି ଅବଲମ୍ବନ କରି ଫଳପ୍ରଦ ଓ ପରିବେଶ ଉପଯୋଗୀ ବୃକ୍ଷରୋପଣ କରାଯିବ ଏବଂ ଏଥିପାଇଁ ଖୁବ୍ ଶୀଘ୍ର ଜିଲ୍ଲା ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବ ବୋଲି ସୂଚନା ମିଳିଛି।

# ପତ୍ରାପାଲିରେ ବିଶ୍ୱ ମହୁମାଛି ଦିବସ ପାଳନ

ଝାରସୁଗୁଡ଼ା, ୨୧/୦୫ (ନି.ପ୍ର): ଲଇକେରା ବ୍ଲକ ସାରଙ୍ଗଲୋଇ ପଂଚାୟତ ଅଧିନସ୍ଥ ପତ୍ରାପାଲି ଗ୍ରାମରେ ହନିପେଡ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବ୍ଲକ ସ୍ତରୀୟ ମହୁମାଛି ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଉଦ୍ୟାନ ଅଧିକାରୀ ପ୍ରମିଳା ମାରାଣ୍ଡି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହୁର ଉପକାରିତା ଓ ମହୁ କିପରି ଉତ୍ପାଦନ କରିବା ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏଥିରେ ସହକାରୀ ଶିକ୍ଷକ ସନ୍ତୋଷ କିସାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମହୁ ଚାଷ କରି ଚାଷୀ ମାନେ କିଭଳି ସ୍ୱାବଲମ୍ବୀ ହୋଇ ଅର୍ଥ ରୋଜଗାର କରିପାରିବେ ସେ ବିଷୟରେ ସୂଚନା ଦେଇଥିଲେ।

# ଘୁ.ଉଦୟଗିରିରେ କୃଷିଭିତିକ ଦିନିକିଆ ତାଲିମ୍

କନ୍ଧମାଳ, ୨୧/୦୫ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ କତିଙ୍ଗିଆ ପଂଚାୟତର କିଲାପାଙ୍ଗା ଠାରେ ଧାନ ପରବର୍ତୀ ପଡିଆ ଜମିର ବିସ୍ତୃତ ପରିଚାଳନା ପ୍ରକଳ୍ପରେ କ୍ଷେତ୍ର ଦିବସ ସହିତ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ଚାଷ କରାଯାଇଥିବା ଧଳା ମଟରର ମଧ୍ୟ ଶସ୍ୟ କାଟ ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ୱାତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ଯୋଗଦେଇ ଚାଷି ମାନଙ୍କୁ ଉତ୍ସାହିତ କରିବା ସହିତ ଜମିର ଉର୍ବରତାକୁ ବଢାଇବା ପାଇଁ ଅଧିକାରିମାନେ ଦେଉଥିବା ଉପଦେଶ ଗୁଡିକୁ ମାନିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଚକାପାଦ ଗୋଷ୍ଠି କୃଷି ଅଧିକାରୀ ନିରୁ ନିକୁଞ୍ଜ ବିହାରି ନାୟକ, ସହ କୃଷି ଅଧିକାରି ପ୍ରିୟଦର୍ଶନି ମଲ୍ଲିକ ଓ କୃଷି ପରିଦର୍ଶକ କାଳିଚରଣ ସାହୁ ଯୋଗଦେଇ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ମଟର ଓ ବିରି ଚାଷ କରାଯାଇ ପାରିବ ତାହା ପ୍ରଶିକ୍ଷଣ ଦେଇଥିଲେ ଯାହାକି କମ୍ ପାଣିରେ କିପରି ଫସଲ ସଠିକ୍ ଭାବରେ ଉଠାଯାଇ ପାରିବ। ଏହି ଫସଲକୁ ଅଧିକଦିନ ଘରେ ସାଇତି ରଖାଯାଇ ପାରିବ ଓ ପରବର୍ତୀ ସମୟରେ ଚାଷୀ ଚାହିଁଲେ ଅଧିକ ଦରରେ ମଧ୍ୟ ବିକ୍ରି କରି ଅଧିକ ରୋଜଗାର କରିପାରିବେ। ଏଥି ସହିତ ରୋଗ ପୋକ ପରିଚାଳନା କଥା ଦେଖିଲେ ଏହି ଚାଷ ଅଧିକ ଭଲ କାରଣ ଖରିଫ୍ ଚାଷ ଅପେକ୍ଷା ରବି ଚାଷରେ ଫସଲ ଗୁଡିକ ପାଇଁ କମ୍ ଭୟ ଥାଏ। ତତ୍ ସଙ୍ଗେ ସଙ୍ଗେ ଗୋଟିଏ ଜମିରୁ ଦୁଇଟି ଫସଲ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦେଖିଲେ ଡାଲି ଜାତୀୟ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଦେହକୁ ଅଧିକ ଭିଟାମିନ୍ ଓ ପୋଷଣ ମିଳିଥାଏ ବିଲି ଆଲୋଚନାରେ କୁହାଯାଇଥିଲା। ଅପରପକ୍ଷେ ଯଦି ଦେଖିବା ମଟର ପରିବାର ପାଇଁ ଖାଦ୍ୟ ସୁରକ୍ଷା ହିସାବରେ ମଧ୍ୟ ସହଯୋଗ କରିଥାଏ। ଏହା ପରେ ପୂର୍ବତନ ସରପଂଚ ଆଭେନେସ୍ୱର ପ୍ରଧାନ ଉପସ୍ଥିତ ରହି ଆଗାମି ଦିନରେ କିପରି ଅଧିକ ଚାଷୀ ଏହି ମଟର ଓ ବିରି ଚାଷ କରିବେ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଅଧୀକ ଚାଷୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ବ୍ଲକ୍ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ହୃଷିକେଶ ଅମାୟତ ସହଯୋଗ କରିଥିଲେ।



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୨ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 May 2026
Vol.No. 36 ■ No.133 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଯୁଦ୍ଧକୁ ନେଇ ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତାନ୍ତର

### ଆମେରିକା କହିଲା, 'ବନ୍ଦ କରିବା ଯୁଦ୍ଧ', ମନ ଦୁଃଖରେ ଇସ୍ରାଏଲ



ନୂଆଦିଲ୍ଲୀ,୨୧/୫ : ଆମେରିକା ଓ ଇସ୍ରାଏଲ ଦୁହେଁ ମିଶି ହଠାତ୍ ଇରାନ ଉପରେ ଆକ୍ରମଣ କଲେ। ବିଶ୍ୱ ଅସ୍ଥିରତା ସୃଷ୍ଟି ହେଲା । ଧୀରେ ଧୀରେ ଉତ୍ତେଜନା ବଢ଼ିଲା। ହର୍ମୁଜ ଦେଇ ବନ୍ଦ ହେଲା ତୈଳ, ରନ୍ଧନ ଗ୍ୟାସ୍ ରପ୍ତାନୀ । ସଙ୍କଟରେ ସନ୍ତୁଳି ହେଲା ସାରା ବିଶ୍ୱ । ଏତେ ପରେ ବି ଯୁଦ୍ଧ ବନ୍ଦ କରିବାକୁ ଚାହୁଁନାହିଁ ଇସ୍ରାଏଲ । ଆମେରିକା ଯୁଦ୍ଧ ବୁଝାମଣା ଚାହୁଁଥିବା ବେଳେ ଇରାନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଚାହୁଁଛି ଇସ୍ରାଏଲ । ଫଳରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଇରାନକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ବିବାଦୀୟ ସ୍ଥିତି ଉପୁଜିଛି। ଇରାନ ସହିତ ଚାଲିଥିବା ଯୁଦ୍ଧର ଭବିଷ୍ୟତ ସମ୍ପର୍କରେ ଦୁଇନେତାଙ୍କ ମଧ୍ୟରେ ଏକ ଫୋନ୍ ବାର୍ତ୍ତାଳାପ ହୋଇଛି । ଆମେରିକୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଆଲୋଚନାରେ ଦୁଇ ନେତାଙ୍କ ମଧ୍ୟରେ ରଣନୀତିରେ ପାର୍ଥକ୍ୟ ଦେଖିବାକୁ ମିଳିଛି । ଆମେରିକା ଆଲୋଚନା ଏବଂ ଆପୋଷ ବୁଝାମଣାକୁ ପସନ୍ଦ କରୁଥିବା ବେଳେ ଇସ୍ରାଏଲ ଇରାନ ଉପରେ ପୁଣି ଥରେ ସାମରିକ ଆକ୍ରମଣ କରିବାକୁ ଆଗ୍ରହୀ । ଟ୍ରମ୍ପଙ୍କ ସହ ଫୋନ୍ କଲ୍ ପରେ ନେତାନ୍ୟାହୁ ଅତ୍ୟନ୍ତ କ୍ରୋଧିତ ଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ଉପରେ ଚାପ ପକାଇ ଇରାନର ସାମରିକ କ୍ଷମତାକୁ ଦୁର୍ବଳ କରିବା ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ପୁଣି ଆକ୍ରମଣ କରିବାକୁ ଚାହୁଁଛନ୍ତି । ଟ୍ରମ୍ପ କହିଛନ୍ତି, ଇରାନ ଉପରେ ଯୋଜନାବଦ୍ଧ ଆକ୍ରମଣକୁ ସ୍ଥଗିତ ରଖାଯାଇଛି । କାତାର ଏବଂ ୟୁଏଇ ସମେତ ଅନେକ ଆରବ ଦେଶ ଅନୁରୋଧ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହାରି ଭିତରେ ପଶ୍ଚିମ ଏସିଆ ସଙ୍କଟ ବଢ଼ିବାରେ ଲାଗିଛି । ହୋର୍ମୁଜ ପ୍ରଣାଳୀ ବନ୍ଦ ରହିବା ଯୋଗୁ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସ ସଙ୍କଟ ବଢୁଛି । ଇରାନ ଜିଦ୍ ଛାଡ଼ିବାକୁ ନାରାଜ । ଦୁଇଦେଶ ମଧ୍ୟରେ ଏଭଳି ଟଣାଓଟରା ଯୋଗୁ ବିଶ୍ୱବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ଏକ ରିପୋର୍ଟ ଅନୁସାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଇସ୍ରାଏଲ୍ ଏବଂ ନିଜ ପ୍ରଶାସନରେ କଠୋର ଆଭିମୁଖ୍ୟ ରଖୁଥିବା କିଛି ନେତାଙ୍କ ପକ୍ଷରୁ ପ୍ରବଳ ଚାପ ପଡୁଛି । ଇରାନକୁ କୌଣସିମତେ ଏହାର ପରମାଣୁ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନ ଦେବା ପାଇଁ ସେମାନେ ଚାହୁଁଛନ୍ତି । ବିଶ୍ୱ ତୈଳ ସଙ୍କଟକୁ ସେମାନେ ଅଣଦେଖା କରି କେବଳ ଇରାନକୁ ସାବାଡ୍ କରିବା ଲାଗି ଟ୍ରମ୍ପଙ୍କୁ କହୁଛନ୍ତି । କିନ୍ତୁ ଟ୍ରମ୍ପ ଆଉ ଯୁଦ୍ଧକୁ ଆଗକୁ ବଢାଇବାକୁ ଚାହୁଁନାହାନ୍ତି । ଯାହା ବିଶ୍ୱ ପାଇଁ ବଡ଼ ଆଶ୍ୱସ୍ତି ଆଣିପାରେ ।


## ବିଚ୍ ରାସ୍ତାରେ ରଚିଥିଲେ ଆତଙ୍କ: ଏନକାଉଣ୍ଟର କଲା ପୁଲିସ

ଭୁବନେଶ୍ୱର, ୨୧/୫ (ନି.ପ୍ର): ୧୮ ତାରିଖ ରାତିରେ ବିଚ୍ ରାସ୍ତାରେ ଆତଙ୍କ ରଚିଥିଲେ। ୨୦ ତାରିଖ ରାତିରେ ସିଧା ଗୁଳି। ଦୁଇ ଦିନ ଭିତରେ ହିଂସାର ହିସାବ ନେଇଛି ପୋଲିସ। ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପରେ ଆକ୍ସନ ମୋଡକୁ ଆସିଯାଇଛି ବ୍ରହ୍ମପୁର ପୋଲିସ। ଅଭିଯୁକ୍ତଙ୍କୁ କରିଛି ସିଧା ଏନକାଉଣ୍ଟର। ଅଭିଯୁକ୍ତ ମୁକେଶ ସାହୁ। ବୁଧବାର ରାତି ପ୍ରାୟ ୧୨ଟା। ବ୍ରହ୍ମପୁର ନିକଟ ଟାମଣା ଘାଟି। ଲୁଚିଥିବା ଅନ୍ୟ ସହଯୋଗୀଙ୍କୁ ଧରିବାକୁ ମୁକେଶଙ୍କୁ ନେଇ ଯାଇଥିଲା ପୋଲିସ।ଏହି ସମୟରେ ପୋଲିସଠାରୁ ସର୍ଭିସ ରିଭଲଭର ଛଡାଇ ଫେରାର ହେବାକୁ ଉଦ୍ୟମ କରିଥିଲା ମୁକେଶ। ଜବାବରେ ପାଲଟା ଆଟାକ୍ କରିଥିଲା ପୋଲିସ। ଯେଉଁଥିରେ ଅଭିଯୁକ୍ତ ମୁକେଶର ଦୁଇ ଗୋଡ଼ ଓ ହାତରେ ଗୁଳି ଲାଗିଥିଲା। ପରେ ତାକୁ କାବୁ କରି ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ବଡ଼ ଭାଇ ମୁକେଶଙ୍କୁ ପୋଲିସର ଏନକାଉଣ୍ଟର ପରେ ପରେ ଆତ୍ମସମର୍ପଣ କରିଛି ସାନ ଭାଇ। ମାମଲାର ଅନ୍ୟତମ ଅଭିଯୁକ୍ତ ଆଶିଷ ସାହୁ। ଆଜି ଓକିଲଙ୍କ ଜରିଆରେ ଆସି ଟାଉନ୍ ଥାନାରେ ଆତ୍ମସମର୍ପଣ କରିଛି ଆଶିଷ। ମାମଲାର ଆଉ ଜଣେ ଅଭିଯୁକ୍ତ ଦିନେଶଙ୍କୁ ବି ପୋଲିସ ଅଟକ ରଖିଥିବା ସୂଚନା ମିଳିଛି।ଏହା ପୂର୍ବରୁ ଗତକାଲି ରାତିରେ ୨ ଜଣ ଅଭିଯୁକ୍ତଙ୍କୁ ବାନ୍ଧିସାରିଥିଲା ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜ୍ ମଲହୋତ୍ରା ଓ ଲିଙ୍ଗରାଜ ସାମଲ। ସେମାନଙ୍କଠାରୁ ୨ଟି ସ୍କୁଟର, ସେଦିନ ମାଡ଼ ମାରିଥିବା ଲାଠି ଏବଂ ମୋବାଇଲ ଜବତ କରିଥିଲା ପୋଲିସ୍। ହେଲେ ଏବେବି ଫେରାର ରହିଛି ଗିରି ରୋଡ୍ ଆକ୍ରମଣ ମାମଲାର ମାଷ୍ଟରମାଇଣ୍ଡ କୁହାଯାଉଥିବା ସନ୍ଦୀପ କୁମାର ସାହୁ ଓରଫ ମୋଗଲି। ଅପରାଧୀଙ୍କୁ କଡ଼ା ଚେତାବନୀ ଦେଇ ଦକ୍ଷିଣାଂଚଳ ଆଇଜି କହିଛନ୍ତି, ଅପରାଧୀ ସୁଧୁରିଯାଆନ୍ତୁ। ଆଇନ ଭାଙ୍ଗିଲେ ହେବ କଡା ଆକ୍ସନ। ବ୍ରହ୍ମପୁରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୋଲିସ ଆହୁରି ତତ୍ପର ହେବା ଆବଶ୍ୟକ ବୋଲି କହିଛନ୍ତି ଆଇନଜୀବୀ। ଏପରିକି ପୋଲିସ ପାଖରେ ୫୦ଟି ପାଟ୍ରୋଲିଂ ବାଇକ୍ ଥିବା ବେଳେ କାହିଁକି ସେଗୁଡ଼ିକ ବ୍ୟବହାର ହେଉନି ବୋଲି ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଏଭଳି ବର୍ବରୋଚିତ ଘଟଣାରେ ଅପରାଧୀଙ୍କୁ ଏନକାଉଣ୍ଟର କରାଯିବା ଉଚିତ। ୧୮ ତାରିଖ ରାତି। ବ୍ରହ୍ମପୁର ଗିରି ରୋଡରେ ଘଟିଥିଲା ସଭ୍ୟ ସମାଜକୁ ବିଚଳିତ କଲା ଭଳି ଘଟଣା। ଉମେଶ ରଥ ବାନ୍ଧବୀଙ୍କ ସହ ସ୍କୁଟରରେ ଯାଉଥିବା ବେଳେ ତାଙ୍କ ଉପରେ ହୋଇଥିଲା ମରଣାନ୍ତକ ଆକ୍ରମଣ। ରାସ୍ତାରେ ପକାଇ ବାଡ଼ିରେ ନିର୍ଦ୍ଧୁମ ପିଟିଥିଲେ ପ୍ରାୟ ୫ ଜଣ ଅଭିଯୁକ୍ତ। ଗୁରୁତର ଉମେଶ ଏବେ ବିଶାଖାପାଟଣାସ୍ଥିତ ଏକ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା: ମନ୍ତ୍ରୀ

ଭୁବନେଶ୍ୱର, ୨୧/୫ (ନି.ପ୍ର): ଲୋକ ସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ପାନୀୟ ଜଳ ସମ୍ବନ୍ଧିତ ବିଭିନ୍ନ ସମସାମୟିକ ବିଷୟ ଉପରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ। ଏହା ପୂର୍ବରୁ ରାଜ୍ୟର ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ପାନୀୟ ଜଳ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜଙ୍କ ସହ ଏକ ବିସ୍ତୃତ ସମୀକ୍ଷା ଆଲୋଚନା ଅନୁଷ୍ଠିତ ହୋଇଥିଲା। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ସରକାର ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା ପହଂଚାଇବାକୁ ପ୍ରତିବଦ୍ଧ ଏବଂ ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଯାହା ମାଧ୍ୟମରେ ମୋଟ ୨୪୦୨ଟି ଗ୍ରାମକୁ ପାଇପ୍ ଜଳ ସୁବିଧା ଯୋଗାଇ ଦିଆଯାଇଛି। ଅନ୍ୟ ୧୪ଟି ପ୍ରକଳ୍ପ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି, ଯାହା ମାଧ୍ୟମରେ ଆହୁରି ୧୩୩୧ଟି ଗ୍ରାମ ଉପକୃତ ହେବ।

## ଜଳୁଛି ସାରା ଓଡ଼ିଶା : କଲବଲ କରୁଛି ଅସହ୍ୟ ଗୁଳୁଗୁଳି, ଆଗକୁ ଆହୁରି ବଢ଼ିବ ତାତି




ଭୁବନେଶ୍ୱର, ୨୧/୫ (ନି.ପ୍ର): ଟକ୍ ଟକ୍ ଖରାରେ ଫୁଟୁଛି ସାରାରାଜ୍ୟ। ଅସହ୍ୟ ଗରମ ଓ ଗୁଳୁଗୁଳିରେ ପେଷି ହେଉଛନ୍ତି ଲୋକେ। ଦିନ ହେଉ କି ରାତି ଗ୍ରୀଷ୍ମପ୍ରବାହ କମୁନି। ଘରେ ବାହାରେ ସବୁଠି କଲବଲ ହେଉଛି ଜନଜୀବନ। ବୁଧବାର ରାଜ୍ୟର ୨୧ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିବା ପରେ ଆଜି ପୁଣି ଜଳଉଛି। ଏସବୁ ଭିତରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କ କରିଛି ଭାରତୀୟ ପାଣିପାଗ ବିଭାଗ। ପ୍ରଚଣ୍ଡ ତାତି ସାଂଗକୁ ରାଜ୍ୟରେ ଜାରି ରହିଛି ଅସହ୍ୟ ଗୁଳୁଗୁଳି। ପଶ୍ଚିମ ଓ ଆଭିନ୍ତରୀଣ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେ ଉପକୂଳରେ ଦେଖାଇଛି ତାଉ। ଫେରିଛି ଖଇ ଫୁଟିଲା ଭଳି ଖରା। ଘରୁ ବାହାରକୁ ବାହାରିଲେ ଦେହ ମୁହଁ ପୋଡ଼ି ଯାଉଛି। ଲଗାତାର ଭାବେ ଝାରସୁଗୁଡ଼ା, ସମ୍ବଲପୁର, ହୀରାକୁଦ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛନ୍ତି। ବୁଧବାର ଝାରସୁଗୁଡ଼ାର ତାପମାତ୍ରା ୪୬ ଡିଗ୍ରି ଛୁଇଁଥିଲା ବେଳେ ଆଜି ବି ଉପରମୁହାଁ ରହିଛି। ଯାହାଫଳରେ ଖରାର ପ୍ରକୋପରେ ସିଜୁଛନ୍ତି ରାଜ୍ୟବାସୀ। ପ୍ରଭାବିତ ହେଉଛି ଜନଜୀବନ। ରାସ୍ତାଘାଟ ଶୂନଶାନ ହୋଇପଡିଛି। ତରଭୁଜ, ଲସି, ଥଣ୍ଡା ପାନୀୟ ଲୋକଙ୍କ ସାହାରା ପାଲଟିଛି। ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳ ଅଂଚଳରେ ବି ପାରା ଉପରକୁ ଉଠିଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ତୁଳନାରେ ତାପମାତ୍ରା କମ ଥିଲେ ବି ଆଦ୍ରତା ଯୋଗୁଁ ୬୦ଡିଗ୍ରୀ ଭଳି ଗରମ ଅନୁଭୂତ ହେଉଛି। ଗାଁ ଠୁ ସହର ସବୁଠି ସମାନ ସ୍ଥିତି। ଦକ୍ଷିଣ ଓଡ଼ିଶାରେ ବି ଭୀଷଣ ହୋଇଛି ତାତି। ଆଗକୁ ତାପମାତ୍ରା ଆହୁରି ବଢ଼ିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ସ୍ଥିତିକୁ ଦେଖି ଆଗାମି ୨୫ ତାରିଖ ପର୍ଯ୍ୟନ୍ତ ସାରାରାଜ୍ୟକୁ ସତର୍କ କରିଛି ପାଣିପାଗ ବିଭାଗ। ଦିନ ତ ଦିନ ରାତିର ତାପମାତ୍ରା ବି ଅସ୍ୱାଭାବିକ ଭାବେ ବଢ଼ିଚାଲିଛି। ତା' ସାଙ୍ଗକୁ ଦାଉ ସାଧୁଛି ଅଘୋଷିତ ବିଜୁଳି କାଟ୍।

## ଖୁବ୍ ଶୀଘ୍ର ହୋଇପାରେ ମୋହନ ମାଝୀଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ



ଭୁବନେଶ୍ୱର, ୨୧/୫ (ନି.ପ୍ର): ଜୁନ୍ ୧୨, ସରକାରଙ୍କୁ ୨ ବର୍ଷ ପୂରିବ। ସମୟ ଯେତିକି ପାଖଉଛି, ମନ୍ତ୍ରୀଙ୍କ ମନରେ ଛନକା ସେତିକି ପଶୁଛି। ଏକାଧିକ ବିଭାଗର ଦାୟିତ୍ୱ ନେଇ ବହୁ ମନ୍ତ୍ରୀ ଚାପରେ ଥିବାରୁ ଆଗକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ବଢ଼ିଛି। ମୁଖ୍ୟମନ୍ତ୍ରୀ ରିପୋର୍ଟ କାର୍ଡ ଦେଖିବା ପରେ ଶାସନତନ୍ତ୍ରରେ ଦେଖିବାକୁ ମିଳିପାରେ ବଡ ହଲଚଲ। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଠାରୁ ଗ୍ରିନ୍ ସିଗନାଲ ପାଇବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଅଙ୍କକଷା ଚାଲିଛି। ଯାହାକୁ ନେଇ ପାୱାର କରିଡରରେ ଆରମ୍ଭ ହୋଇଗଲାଣି ଲବି ପଲିଟିକ୍ସ । କେବଳ ଏମାନେ ନୁହନ୍ତି । ସୁରେଶ ପୂଜାରୀଙ୍କୁ ଛାଡିଦେଲେ ବିଜେପି ସରକାରରେ ଏକାଧିକ ବିଭାଗ ଦାୟିତ୍ୱରେ ରହିଛନ୍ତି ସବୁ ମନ୍ତ୍ରୀ। ଯାହାର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଭାଗୀୟ କାର୍ଯ୍ୟରେ ପଡୁଛି। କାରଣ ଚାପରେ ରହୁଛନ୍ତି ମନ୍ତ୍ରୀ। ଏକକାଳୀନ ଏକାଧିକ ବିଭାଗ ଉପରେ ନଜର ରଖିବାକୁ ସମୟ ଅଣ୍ଟୁନି। ଭଲ ପ୍ରଦର୍ଶନ ପାଇଁ ସୁଯୋଗ ଥିଲେ ମଧ କାର୍ଯ୍ୟ ଚାପ ଏଥିରେ ବାଧକ ସାଜୁଛି। ଆସନ୍ତା ଜୁନ୍ ୧୨ରେ ସରକାରକୁ ୨ ବର୍ଷ ପୂରୁଛି। ରାଜ୍ୟବାସୀଙ୍କ ଆଗରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସରକାରଙ୍କ ସଫଳତା ବଖାଣିବେ। ସେଥିପାଇଁ ଏବେଠୁ ଆରମ୍ଭ ହେଲାଣି କସରତ। ବର୍ଷକର ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଲୋକଙ୍କ ସାମ୍ନାରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ପାୱାର କରିଡର ଓ ଦଳୀୟ ମହଲରେ ଚର୍ଚ୍ଚା ହେଉଛି, ୨ ବର୍ଷ ପୂର୍ତ୍ତି ପାଳନ ସମୟରେ ହୋଇପାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ରିପୋର୍ଟ କାର୍ଡ ସାଜିପାରେ ସବୁଠୁ ବଡ଼ ଆଧାର। ଏବେ ୬ଟି ମନ୍ତ୍ରୀ ପଦ ଫାଙ୍କା ରହିଛି। ତେଣୁ ଏହି ପଦବୀ ହାତେଇବାକୁ ଏକାଧିକ ବିଧାୟକ ଆଶାୟୀ। ଏଥିପାଇଁ ନିଜ ନିଜ ସ୍ତରରେ ମନ୍ତ୍ରୀପଦ ପାଇବାକୁ କସରତ ଆରମ୍ଭ କଲେଣି ବିଧାୟକ। ୩ ଦିନ ପୂର୍ବରୁ ଓଡ଼ିଶା ଆସିଥିବା ରାଷ୍ଟ୍ରୀୟ ବିଜେପି ସଭାପତି ଅଧୁରା ଥିବା କାମକୁ ସାରିବାକୁ ଗ୍ରିନ୍ ସିଗ୍ନାଲ ଦେଇଥିଲେ। କୋର କମିଟି ଓ ମନ୍ତ୍ରୀସ୍ତରୀୟ ବୈଠକରେ ଏ ବାବଦରେ ଚର୍ଚ୍ଚା ହୋଇଥିବା ନେଇ ସୂଚନା ରହିଛି।ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ବେଳେ ପ୍ରଦର୍ଶନ ଆଧାରରେ କିଛି ମନ୍ତ୍ରୀଙ୍କ ବିଭାଗ ଅଦଳବଦଳ କରିପାରନ୍ତି ମୁଖ୍ୟମନ୍ତ୍ରୀ।

## ବିଶ୍ୱବିଦ୍ୟାଳୟରେ ବେଆଇନ ନିଯୁକ୍ତି ନେଇ ଉଚ୍ଚଶିକ୍ଷା ସଚିବଙ୍କ ତାଗିଦ୍

ଭୁବନେଶ୍ୱର, ୨୧/୫ (ନି.ପ୍ର): ସରକାରୀ ବିଶ୍ୱବିଦ୍ୟାଳୟରେ ବେଆଇନ ନିଯୁକ୍ତି ନେଇ ସବୁ କୁଳପତିଙ୍କୁ ଚିଠି ଲେଖି ତାଗିଦ୍ କରିଛନ୍ତି ଉଚ୍ଚ ଶିକ୍ଷା ସଚିବ। ବେଆଇନ ନିଯୁକ୍ତି ଓ ସେମାନଙ୍କୁ ନିୟମିତ କରିବା ପ୍ରସ୍ତାବ ନେଇ ଚେତାବନୀ ଦିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗର ବିନା ଅନୁମତିରେ ନିଯୁକ୍ତି ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ସରକାର ଓ ବିଶ୍ୱବିଦ୍ୟାଳୟ ଉପରେ ଆର୍ଥିକ ବୋଝ ପଡୁଛି। ବ୍ୟାକ୍ ଡୋର ଏଂଟ୍ରିକୁ ସରକାର ବରଦାସ୍ତ କରିବେ ନାହିଁ। ନିୟମିତ କରିବା ନେଇ ଆସିଥିବା ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଏପରି ନିଯୁକ୍ତିର ଆର୍ଥିକ ବୋଝ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବହନ କରିବ। ଯେଉଁ ଅଧିକାରୀ ବେଆଇନ ନିଯୁକ୍ତି ଦେଇଥିବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ବେଆଇନ ଭାବେ ଓଡ଼ିଶାରେ ରହୁଥିବା ବିଦେଶୀ ନାଗରିକଙ୍କ ପାଇଁ ଗାଇଡଲାଇନ୍ ଜାରି

କଟକ, ୨୧/୫ (ନି.ପ୍ର): ଫୌଜଦାରୀ ମାମଲାରେ ଧରା ପଡୁଥିବା ବିଦେଶୀ ନାଗରିକ ବା ଅବୈଧ ପ୍ରବାଶୀଙ୍କ ପ୍ରସଂଗକୁ ନେଇ କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ ନଥିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ବେଆଇନ ଭାବେ ଭାରତରେ ପ୍ରବେଶ କରି ରହୁଥିବା ବିଦେଶୀ ନାଗରିକଙ୍କ ସଂପର୍କିତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାକୁ ତଥା ଅସଂଗତି, ଅସୁବିଧାକୁ ଦୂର କରିବାକୁ ହାଇକୋର୍ଟ ଗାଇଡଲାଇନ ଜାରି କରିଛନ୍ତି। ଯଦି ଫରେନର୍ସ ଆକ୍ଟ ବା ଅନ୍ୟ କୌଣସି ଆଇନ ଉଲ୍ଲଂଘନରେ ଅପରାଧ ହୋଇଥାଏ ଓ ଅଭିଯୁକ୍ତଙ୍କ ପାସପୋର୍ଟ, ଭିସା ନଥାଏ ବା ଏପରି ଅନୁମତିର ଅବଧି ଶେଷ ହୋଇଥିବ, ଭାରତ ଭିତରେ ରହିବାର ଅଧିକାର ନଥିବ ତେବେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା/ ଫୌଜଦାରୀ ମାମଲା ତୁରନ୍ତ ଆରମ୍ଭ କରାଯିବ। ଫୌଦାରୀ ମାମଲା ପଞ୍ଜୀକରଣ ପରେ ପୁଲିସ ତୁରନ୍ତ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହିତ ତଦନ୍ତ ଯଥାଶୀଘ୍ର ସଂପୂର୍ଣ୍ଣ କରିବାକୁ ପଦକ୍ଷେପ ନେବ। ଦେଶରେ ରହିବା ପାଇଁ ଅନୁମତି ନଥିବା ସଂପୃକ୍ତ ବିଦେଶୀ ନାଗରିକଙ୍କୁ ଅଦାଲତରେ ହାଜର କରାଯିବା ପରେ ଯଦି ଜାମିନ ଆବେଦନ ଦାୟର ହୁଏ ତେବେ ଏହା ଉପରେ ତ୍ୱରିତ ଫଏସଲା କରାଯିବ। ଯଦି ଜାମିନ ଖରାଜ ହୁଏ ତେବେ ମୂଳ ମାମଲା ଫଏସଲା ପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ ନିୟମିତ ଜେଲରେ ରଖାଯିବ। ଯଦି ସଂପୃକ୍ତ ବ୍ୟକ୍ତିଙ୍କୁ ଅଦାଲତ ଜାମିନ ମଞ୍ଜୁର କରନ୍ତି ତେବେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କୁ ଜାମିନରେ ମୁକୁଳିବା ପ୍ରସଂଗରେ ଅବଗତ କରାଯିବ, ଯାହା ଦ୍ୱାରା ଫରେନର୍ସ ଆଇନର ଧାରା ୩(୨)(ଇ) ଓ ୩(୨)(ଏଫ)ରେ ଆବଶ୍ୟକ ସ୍ଥଳେ ନିର୍ଦ୍ଦେଶ ଜାରି କରାଯାଇ ପାରିବ। ଜାମିନ ମଞ୍ଜୁର କରିବା ବେଳେ ସୁପ୍ରିମକୋର୍ଟଙ୍କ ଫ୍ରାଙ୍କ ଭିଟୁସ ବନାମ ଏନସିବି ମାମଲାର ରାୟ ପାଳନ କରାଯିବ। ଯଦି ଏଭଳି ଘଟଣାରେ ଅବୈଧ ପ୍ରବାଶୀ ଜଣେ ମହିଳା ବା ଶିଶୁ ସହିତ ମହିଳା ହୋଇଥାନ୍ତି ତେବେ ତାଙ୍କୁ ନିୟମିତ ଜେଲ ବା ହୋଲ୍ଡିଂ/ ଡିଟେନସନ ସେଣ୍ଟରରେ ପିଲା ସହିତ ରଖାଯିବ। ମହିଳା ଓ ଶିଶୁଙ୍କୁ ଆରଡି ଉପାଧ୍ୟାୟ ମାମଲାରେ ଜାରି କରାଯାଇଥିବା ଗାଇଡଲାଇନ ଅନୁସାରେ ସୁବିଧା ପ୍ରଦାନ କରାଯିବ। ଯଦି ଅବୈଧ ପ୍ରବାଶୀ ଜଣେ ଶିଶୁ ହୋଇଥାଏ ତେବେ କିଶୋର ନ୍ୟାୟ ଆଇନ ଅନୁସାରେ ମାମଲାର ଶୁଣାଣି କରାଯିବ। ଏପରି ମାମଲାର ତ୍ୱରିତ ଶୁଣାଣି କରି ଯଥାଶୀଘ୍ର ଅଦାଲତ ଫଏସଲା କରିବେ। ଯଦି ଅବୈଧ ପ୍ରବାଶୀ ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଅଦାଲତ ଉପଯୁକ୍ତ ଦଣ୍ଡାଦେଶ ପ୍ରଦାନ କରିବେ। ଯଦି ସଂପୃକ୍ତ ବ୍ୟକ୍ତିଙ୍କୁ ଅଦାଲତ ଦୋଷମୁକ୍ତ କରନ୍ତି ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯିବ।

## ଜେନ୍-ଜି'ଙ୍କ ପସନ୍ଦ 'କକ୍ରୋଚ୍ ଜନତା ପାର୍ଟି': ସରକାରୀ ବ୍ୟବସ୍ଥା ଉପରେ କରୁଛି ସାଂଘାତିକ ପ୍ରହାର

### ୫ ଦିନରେ ଯୋଡ଼ି ହେଲେଣି ଦେଢ଼ କୋଟିରୁ ଅଧିକ ୟୁଜର୍ସ




ନୂଆଦିଲ୍ଲୀ,୨୧/୫ : ପ୍ରତି ସେକେଣ୍ଡରେ ବଢୁଛି ଫଲୋଅର୍ସ ସଂଖ୍ୟା। ଡିଜିଟାଲ ପ୍ଲାଟଫର୍ମରେ ପାଦ ଦେବା ପରଠାରୁ ବିଜେପି ଓ କଂଗ୍ରେସ ଯାହା କରିପାରିନଥିଲେ ତାହା ମାତ୍ର ୫ ଦିନରେ କରି ଦେଖାଇଛି କକ୍ରୋଚ୍ ଜନତା ପାର୍ଟି। ସବୁଠି ଏବେ ଏହାକୁ ନେଇ ଚର୍ଚ୍ଚା। ବ୍ୟବସ୍ଥାକୁ ଆଙ୍ଗୁଠି ଦେଖାଇ ଯୁବବର୍ଗଙ୍କ ଭରସା ଜିଣିଥିବା କକ୍ରୋଚ୍ ଜନତା ପାର୍ଟି ଆଗକୁ ଗଣତନ୍ତ୍ର ପାଇଁ ବିପଦ ସାଜିବ ତ କକ୍ରୋଚ୍ ଜନତା ପାର୍ଟି। ରାଜନୈତିକ ଦଳ ନୁହେଁ କିନ୍ତୁ ରାଜନୈତିକ ଦଳ ଠାରୁ ଆହୁରି ଲୋକପ୍ରିୟ। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଦେଢ କୋଟିରୁ ଅଧିକ ଫଲୋଅର୍ସ। ଆଉ ଏହି ସମର୍ଥନ ମିଳିଛି ମାତ୍ର ୫ ଦିନରେ। ବେକାରୀଙ୍କୁ ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ବୟାନ ବିରୋଧରେ ଡିଜିଟାଲ ପ୍ଲାଟଫର୍ମରେ ହୋଇଥିବା ଆନ୍ଦୋଳନରୁ ଜନ୍ମ ନେଇଥିଲା କକ୍ରୋଚ୍ ଜନତା ପାର୍ଟି। ବେକାରି, ଶାରୀରିକ ଭାବେ ଅଳସୁଆ, ସୋସିଆଲ ମିଡ଼ିଆରେ ଅଧିକ ସମୟ ଅତିବାହିତ କରୁଥିବା ୟୁଜର୍ସଙ୍କୁ ଏହି ପ୍ଲାଟଫର୍ମରେ ମିଳିଥିଲା ପ୍ରାଥମିକତା। ସରକାରୀ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇବା ସହ ଦୁର୍ନୀତିମୁକ୍ତ ଦେଶ ଗଠନରେ ଭାଗିଦାରୀ ହେବାକୁ ଆହ୍ୱାନ ଦେଇଛି ଏହି ପ୍ଲାଟଫର୍ମ। ଯାହା ଯୁବବର୍ଗଙ୍କୁ ବେଶ ପସନ୍ଦ ଆସିଛି। ଡିଜିଟାଲ୍ ପ୍ଲାଟଫର୍ମରେ ସରକାରୀ ବ୍ୟବସ୍ଥା ବିରୋଧରେ ଏଭଳି ଆନ୍ଦୋଳନ ପୂର୍ବରୁ ବୋଧହୁଏ କେବେ ଦେଖିନାହିଁ ଭାରତ। ସିଜେପିର ଏହା ସାମୟିକ ସଫଳତା ହୋଇପାରେ ସତ ହେଲେ ଏହାର ଆଭିମୁଖ୍ୟ କେଉଁଭଳି ସ୍ଥିତି ସୃଷ୍ଟି କରିବ ତାହା ଅକଳ୍ପନୀୟ। ବାଂଲାଦେଶ ଓ ନେପାଳରେ ଏହାର ଝଲକ ଦେଖିସାରିଛନ୍ତି ବିଶ୍ୱବାସୀ। କାରଣ କକ୍ରୋଚ୍ ଜନତା ପାର୍ଟିର ରାଜନୈତିକ ଇଚ୍ଛା କିଛି ଏଭଳି ଦିଗକୁ ଇଙ୍ଗିତ କରୁଛି। ସୋସିଆଲ ମିଡ଼ିଆରେ କକ୍ରୋଚ୍ ଜନତା ପାର୍ଟି ଜନ୍ମ ନେବା ଓ ପରେ ଏହାର ଲୋକପ୍ରିୟତା ହିଁ ଏହାକୁ ରାଜ୍ୟସ୍ତରକୁ ଆଣିଲାଣି। ଓଡ଼ିଶା ମଧ ଏହି ଟ୍ରେଣ୍ଡରେ ପଛରେ ନାହିଁ। ଓଡ଼ିଶାରେ କକ୍ରୋଚ୍ ଜନତା ପାର୍ଟିର ଏକାଧିକ ଆକାଉଣ୍ଟ ଖୋଲି ଯୁବବର୍ଗଙ୍କୁ ଯୋଡିବାକୁ ଚାଲିଛି ପ୍ରୟାସ। ଏଭଳି ପ୍ରୟାସ ଭିତରେ ବିଜେପି କହିଛି, ଏହାର ପ୍ରଭାବ ଯୁବବର୍ଗଙ୍କ ଉପରେ ପଡ଼ିବନି।

# ମହଙ୍ଗା ଏଟିଏଫ୍ ଓ ଟିକସ ବୋଝ: କିପରି ବଞ୍ଚିବ ଭାରତୀୟ ବିମାନ ସେବା ?

ସାମ୍ପ୍ରତିକ ସମୟରେ ଭାରତୀୟ ବିମାନ ଚଳାଚଳ କ୍ଷେତ୍ର ବିମାନ ଇନ୍ଧନ ବା ଏଭିଏସନ୍ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଜନିତ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହୋଇଛି । ନିକଟରେ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍ଆଇଏ) ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ବିସ୍ତୃତ ପତ୍ର ଲେଖାଯାଇ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି । ଏହି ସଂଗଠନରେ ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଯଥା ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଆଦି ସାମିଲ ଅଛନ୍ତି । କମ୍ପାନୀଗୁଡ଼ିକ ପ୍ରକାଶ କରିଛନ୍ତି ଯେ ଯଦି ଇନ୍ଧନ ଦର ଏବଂ ଟିକସ ବ୍ୟବସ୍ଥାରେ ସରକାରଙ୍କ ପକ୍ଷରୁ କୌଣସି ଆଶୁ ହସ୍ତକ୍ଷେପ କରା ନ ଯାଏ, ତେବେ ସେମାନେ ନିଜର ଉଡ଼ାଣ ସେବା ବନ୍ଦ କରିବାକୁ ବାଧ୍ୟ ହୋଇପାରନ୍ତି। ଏହି ପରିସ୍ଥିତି ମୁଖ୍ୟତଃ ପଶ୍ଚିମ ଏସିଆରେ ଲାଗି ରହିଥିବା ଅସ୍ଥିରତା ଏବଂ ତାହାର ପ୍ରଭାବରେ ଅନ୍ତର୍ଜାତୀୟ ତୈଳ ବଜାରରେ ଦେଖାଦେଇଥିବା ମୂଲ୍ୟ ବୃଦ୍ଧି କାରଣରୁ ସୃଷ୍ଟି ହୋଇଛି । ବିମାନ ଶିଳ୍ପ ଏକ ପୁଞ୍ଜି-ନିବିଡ଼ ଏବଂ ସ୍ୱଳ୍ପ ଲାଭାଂଶ ବିଶିଷ୍ଟ ବ୍ୟବସାୟ ହୋଇଥିବାରୁ ପରିଚାଳନା ଖର୍ଚ୍ଚରେ ସାମାନ୍ୟ ବୃଦ୍ଧି ମଧ୍ୟ ଏହାର ଆର୍ଥିକ ସ୍ଥିତି ଉପରେ ବ୍ୟାପକ ପ୍ରଭାବ ପକାଇଥାଏ । ତେଣୁ ଏହି ପ୍ରସଙ୍ଗଟି କେବଳ କେତୋଟି ବ୍ୟବସାୟିକ ସଂସ୍ଥାର ଲାଭ କ୍ଷତି ମଧ୍ୟରେ ସୀମିତ ନ ରହି ଦେଶର ବୃହତ୍ତର ଅର୍ଥନୈତିକ ସ୍ୱାର୍ଥ ସହିତ ଯୋଡ଼ି ହୋଇଯାଇଛି। ଏହାର ଏକ ବାସ୍ତବିକ ଏବଂ ତଥ୍ୟଭିତ୍ତିକ ବିଶ୍ଳେଷଣ କଲେ ଜଣାଯାଏ ଯେ ସମସ୍ୟାର ମୂଳ ବହୁତ ଗଭୀରରେ ରହିଛି ଏବଂ ଏହାର ସମାଧାନ ପାଇଁ ଏକ ବ୍ୟାପକ ନୀତିଗତ ସମୀକ୍ଷାର ଆବଶ୍ୟକତା ରହିଛି ।

ବିମାନ ପରିଚାଳନାର ଆର୍ଥିକ ଦିଗକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କୌଣସି ବିମାନ କମ୍ପାନୀର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ଚାଳିଶ ପ୍ରତିଶତ କେବଳ ଏଟିଏଫ୍ ବା ବିମାନ ଇନ୍ଧନ ବାବଦରେ ବ୍ୟୟ ହୋଇଥାଏ । ଗତ କିଛି ମାସ ମଧ୍ୟରେ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଉଦ୍ଦିଷ୍ଟ ଇନ୍ଧନ ଦରରେ ଏକ ବଡ଼ ଧରଣର ତାରତମ୍ୟ ଦେଖିବାକୁ ମିଳିଛି । ଉପଲବ୍ଧ ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର ଘରୋଇ ଉଡ଼ାଣ ପାଇଁ ବ୍ୟବହୃତ ହେଉଥିବା ଇନ୍ଧନ ଦର ବୃଦ୍ଧିକୁ ଲିଟର ପିଛା ପନ୍ଦର ଟଙ୍କାରେ ସୀମିତ ରଖିବାରେ ସକ୍ଷମ ହୋଇଛନ୍ତି । ମାତ୍ର ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଉଦ୍ଦିଷ୍ଟ ଇନ୍ଧନ ଦର ଲିଟର ପିଛା ପ୍ରାୟ ତେସ୍ତରୀ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହି ବିପୁଳ ମୂଲ୍ୟ ବୃଦ୍ଧି ଭାରତୀୟ ବିମାନ କମ୍ପାନୀଗୁଡ଼ିକର ଅନ୍ତର୍ଜାତୀୟ ଉଡ଼ାଣକୁ ସମ୍ପୂର୍ଣ୍ଣ ରୂପେ ଲାଭହୀନ କରିଦେଇଛି । ଏହା ସହିତ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଅନେକ ଦେଶ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଛନ୍ତି କିମ୍ବା କଟକଣା ଲଗାଇଛନ୍ତି । ଏହାର ଫଳସ୍ୱରୂପ ବିମାନଗୁଡ଼ିକୁ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବିକଳ୍ପ ଏବଂ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡୁଛି। ଅଧିକ ସମୟ ଧରି ଉଡ଼ାଣ ଭରିବା ଅର୍ଥ ହେଉଛି ଅଧିକ ଇନ୍ଧନ ଖର୍ଚ୍ଚ । ଏହା ବ୍ୟତୀତ ବିମାନଗୁଡ଼ିକର ଅଧିକ ସମୟ ଆକାଶରେ ରହିବା ଦ୍ୱାରା ସେଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ଆନୁପାତିକ ଭାବେ ବୃଦ୍ଧି ପାଉଛି । ଏକାଧାରରେ ଇନ୍ଧନର ମୂଲ୍ୟ ବୃଦ୍ଧି ଏବଂ ଅନ୍ୟପଟେ ଅଧିକ ଇନ୍ଧନର ଆବଶ୍ୟକତା କମ୍ପାନୀଗୁଡ଼ିକ ଉପରେ ଦ୍ୱିଗୁଣିତ ଆର୍ଥିକ ଚାପ ସୃଷ୍ଟି କରୁଛି । ଭାରତୀୟ ବିମାନ କମ୍ପାନୀଗୁଡ଼ିକ ଅଧିକାଂଶ ବିମାନ ଲିଜ୍ ବା ଭଡ଼ା ସୂତ୍ରରେ ଆଣିଥାନ୍ତି ଏବଂ ଏହି ଭଡ଼ା ଆମେରିକୀୟ ଡଲାରରେ ଦେବାକୁ ପଡ଼ିଥାଏ । ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା କାରଣରୁ ଏହି ଲିଜ୍ ଦେୟ ମଧ୍ୟ ବୃଦ୍ଧି ପାଇଛି, ଯାହାକି ସାମଗ୍ରିକ ପରିଚାଳନା ଖର୍ଚ୍ଚକୁ ଆହୁରି ବଢ଼ାଇ ଦେଇଛି ।

ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି ବିମାନ ଇନ୍ଧନ ଉପରେ ଲାଗୁ ହେଉଥିବା ଟିକସ ବ୍ୟବସ୍ଥା। ବର୍ତ୍ତମାନ ସମୟରେ ଏଟିଏଫ୍ ଉପରେ ଏଗାର ପ୍ରତିଶତ ଉତ୍ପାଦ ଶୁଳ୍କ ବା ଏକ୍ସାଇଜ୍ ଡ୍ୟୁଟି ଆଦାୟ କରାଯାଉଛି । ଏହି ଶୁଳ୍କ ହାର ଶତକଡ଼ା ହିସାବରେ ଥିବାରୁ, ଯେତେବେଳେ ମୂଳ ଇନ୍ଧନ ଦର ବୃଦ୍ଧି ପାଏ, ସେତେବେଳେ ଆଦାୟ ହେଉଥିବା ପ୍ରକୃତ ଟିକସ ପରିମାଣ ମଧ୍ୟ ଆପେ ଆପେ ବୃଦ୍ଧି ପାଇଥାଏ। ବିମାନ କମ୍ପାନୀଗୁଡ଼ିକର ଯୁକ୍ତି ହେଉଛି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ମୁଦ୍ରା ବିନିମୟ ହାରରେ ଅସ୍ଥିରତା କାରଣରୁ ସେମାନେ ପୂର୍ବରୁ ହିଁ କ୍ଷତି ସହୁଛନ୍ତି । ଏଭଳି ସ୍ଥିତିରେ ଏହି ଏଗାର ପ୍ରତିଶତ ଉତ୍ପାଦ ଶୁଳ୍କ ସେମାନଙ୍କ ପାଇଁ ଏକ ଅତିରିକ୍ତ ଏବଂ ଅସହ୍ୟ ବୋଝ ପାଲଟିଛି। କେବଳ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନୁହେଁ, ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଭାଲ୍ୟୁ ଆଡେଡ୍ ଟ୍ୟାକ୍ସ ବା ଭ୍ୟାଟ୍ ମଧ୍ୟ ଏଟିଏଫ୍ ଦରକୁ ବିଭିନ୍ନ ରାଜ୍ୟରେ ଅସମାନ ଏବଂ ଅତ୍ୟଧିକ ମହଙ୍ଗା କରିଦେଉଛି । ତେଣୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ ସରକାରଙ୍କୁ ଅନୁରୋଧ କରିଛି ଯେ ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଏହି ଉତ୍ପାଦ ଶୁଳ୍କକୁ ସାମୟିକ ଭାବେ ସ୍ଥଗିତ ରଖାଯାଉ କିମ୍ବା ଏହାର ହାରକୁ ଯଥେଷ୍ଟ ପରିମାଣରେ କମାଇ ଦିଆଯାଉ । ଏହା ବ୍ୟତୀତ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଇନ୍ଧନ ଦରରେ ଥିବା ବିଶାଳ ପାର୍ଥକ୍ୟକୁ ଦୂର କରି ଏକ ସମାନ ଇନ୍ଧନ ମୂଲ୍ୟ ନିର୍ଦ୍ଧାରଣ ନୀତି ପ୍ରଣୟନ କରିବାକୁ ମଧ୍ୟ ଦାବି କରାଯାଇଛି । ସରକାରଙ୍କ ଟିକସ ନୀତି ଶିଳ୍ପର ବିକାଶରେ ସହାୟକ ହେବା ଉଚିତ୍, ମାତ୍ର ବର୍ତ୍ତମାନର ବ୍ୟବସ୍ଥା କମ୍ପାନୀଗୁଡ଼ିକର ଦୈନନ୍ଦିନ ପରିଚାଳନା ପାଇଁ ଆବଶ୍ୟକ ପାଣ୍ଠି ପ୍ରବାହକୁ ଗୁରୁତର ଭାବେ ପ୍ରଭାବିତ କରୁଛି।

ଭାରତୀୟ ବିମାନ ଚଳାଚଳ ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ଅତୀତରେ ମଧ୍ୟ ଉଚ୍ଚ ପରିଚାଳନା ଖର୍ଚ୍ଚ ଏବଂ ଇନ୍ଧନ ଦର ବୃଦ୍ଧି କାରଣରୁ ଅନେକ ବଡ଼ ବଡ଼ ବିମାନ କମ୍ପାନୀ ବନ୍ଦ ହୋଇଯାଇଛି । କିଙ୍ଗଫିସର ଏୟାରଲାଇନ୍ସ ଏବଂ ଜେଟ୍ ଏୟାରୱେଜ୍ ଭଳି ପ୍ରମୁଖ ସଂସ୍ଥାର ପତନ ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଯେତେବେଳେ ଗୋଟିଏ ବଡ଼ ବିମାନ କମ୍ପାନୀ ଦେବାଳିଆ ହୁଏ, ସେତେବେଳେ କେବଳ ପୁଞ୍ଜିନିବେଶକାରୀମାନେ କ୍ଷତି ସହନ୍ତି ନାହିଁ, ବରଂ ହଜାର ହଜାର କର୍ମଚାରୀ ବେରୋଜଗାର ହୋଇଯାନ୍ତି ଏବଂ ବ୍ୟାଙ୍କଗୁଡ଼ିକର ହଜାର ହଜାର କୋଟି ଟଙ୍କାର ଋଣ ବୁଡ଼ିଯାଏ । ବର୍ତ୍ତମାନ ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଭଳି କମ୍ପାନୀଗୁଡ଼ିକ ଯେଉଁ ଚେତାବନୀ ଦେଇଛନ୍ତି, ତାହାକୁ ଏହି ଐତିହାସିକ ପୃଷ୍ଠଭୂମିରେ ବିଚାର କରିବା ଆବଶ୍ୟକ । ଏହି ତିନୋଟି କମ୍ପାନୀ ଭାରତର ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ବଜାରର ଏକ ବୃହତ୍ ଅଂଶକୁ ନିୟନ୍ତ୍ରଣ କରୁଛନ୍ତି । ଯଦି ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ ସଂସ୍ଥା ମଧ୍ୟ ନିଜର ସେବା ବନ୍ଦ କରିବାକୁ ବାଧ୍ୟ ହୁଏ, ତେବେ ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଉପରେ ଏକ ବିରାଟ ଚାପ ପଡ଼ିବ । ଅଣ-ଆଦାୟକାରୀ ସମ୍ପତ୍ତି ବା ଏନପିଏ ପରିମାଣ ବୃଦ୍ଧି ପାଇବ, ଯାହାକି ସାମଗ୍ରିକ ଅର୍ଥବ୍ୟବସ୍ଥା ପାଇଁ ଏକ ଅଶୁଭ ସଙ୍କେତ ଅଟେ। ତେଣୁ ସରକାରଙ୍କୁ ଏହି ସମସ୍ୟାକୁ ଏକ ସାଧାରଣ ବ୍ୟବସାୟିକ ସମସ୍ୟା ଭାବରେ ନ ଦେଖି ଦେଶର ଆର୍ଥିକ ସ୍ଥିରତା ପ୍ରତି ଥିବା ଏକ ବଡ଼ ଆହ୍ୱାନ ଭାବରେ ଗ୍ରହଣ କରିବାକୁ ପଡ଼ିବ । ବିମାନ ଶିଳ୍ପ ଏକ ଏପରି କ୍ଷେତ୍ର ଯାହାର ପତନ ଅନ୍ୟାନ୍ୟ ଅନେକ ଆନୁସଙ୍ଗିକ ଶିଳ୍ପକୁ ମଧ୍ୟ ତଳକୁ ଟାଣି ନେଇଯିବାର ସମ୍ଭାବନା ଅଛି । ଯଦି ବିମାନ କମ୍ପାନୀଗୁଡ଼ିକର ଏହି ଚେତାବନୀ ସତ୍ୟରେ ପରିଣତ ହୁଏ ଏବଂ ସେମାନେ ନିଜର ଉଡ଼ାଣ ସେବା ବନ୍ଦ କରନ୍ତି, ତେବେ ଏହାର ପ୍ରଭାବ କେବଳ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ସୀମିତ ରହିବ ନାହିଁ । ଏକ ଆଧୁନିକ ଅର୍ଥବ୍ୟବସ୍ଥାରେ ବିମାନ ସେବା ଏକ ଅତ୍ୟାବଶ୍ୟକ ଭିତ୍ତିଭୂମି ଭାବରେ କାର୍ଯ୍ୟ କରିଥାଏ । ଉଡ଼ାଣ ବାତିଲ ହେଲେ ବଜାରରେ ବିମାନ ସିଟ୍ ଗୁଡ଼ିକର ଉପଲବ୍ଧତା ହ୍ରାସ ପାଇବ, ଯାହା ଫଳରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଥିବା ସନ୍ତୁଳନ ବିଗିଡ଼ିଯିବ ଏବଂ ଟିକେଟ୍ ଦର ଅହେତୁକ ଭାବେ ବୃଦ୍ଧି ପାଇବ । ଏହା ସାଧାରଣ ଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନଙ୍କ ଉପରେ ସିଧାସଳଖ ଆର୍ଥିକ ବୋଝ ପକାଇବ। ଭାରତର ପର୍ଯ୍ୟଟନ ଶିଳ୍ପ ଯାହାକି ଲକ୍ଷ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଉଛି, ତାହା ମଧ୍ୟ ଗଭୀର ଭାବେ ପ୍ରଭାବିତ ହେବ । ଏହା ସହିତ କାର୍ଗୋ ସେବା ବାଧାପ୍ରାପ୍ତ ହେଲେ ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ପରିବହନ ବିଳମ୍ବିତ ହେବ, ଯାହା ଦେଶର ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିବ । ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତା କ୍ଷମତା ହ୍ରାସ ପାଇଲେ ବିଦେଶୀ କମ୍ପାନୀଗୁଡ଼ିକ ଏହାର ଫାଇଦା ଉଠାଇବେ । ଭାରତୀୟ ଯାତ୍ରୀମାନେ ବିଦେଶୀ ବିମାନ ଉପରେ ନିର୍ଭରଶୀଳ ହେଲେ ଦେଶର ବହୁମୂଲ୍ୟ ବିଦେଶୀ ମୁଦ୍ରା ଅନ୍ୟ ଦେଶକୁ ଚାଲିଯିବାର ଆଶଙ୍କା ରହିଛି। ତେଣୁ ବିମାନ ଶିଳ୍ପର ସୁରକ୍ଷା କେବଳ କର୍ପୋରେଟ୍ ସ୍ୱାର୍ଥ ନୁହେଁ, ବରଂ ଏହା ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିରତା ଏବଂ ବିକାଶ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏକ ବିକାଶଶୀଳ ରାଷ୍ଟ୍ର ଭାବରେ ଭାରତ ନିଜର ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ଦୁର୍ବଳ ହେବାକୁ ଦେଇପାରିବ ନାହିଁ ।

ଏହି ପରିପ୍ରେକ୍ଷୀରେ ସରକାର ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକ ସକାରାତ୍ମକ ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ମିଳିତ ଭାବେ ବିମାନ କମ୍ପାନୀଗୁଡ଼ିକ ସହ ଆଲୋଚନା କରି ଏକ ବାସ୍ତବିକ ସମାଧାନର ବାଟ ବାହାର କରିବା ଉଚିତ୍ । ଏଟିଏଫ୍ ଦରରେ ସମାନତା ଆଣିବା, ଉତ୍ପାଦ ଶୁଳ୍କରେ ସାମୟିକ କୋହଳ ପ୍ରଦାନ କରିବା ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ଲାଗୁ କରିବା ଦିଗରେ ବିଚାର କରାଯାଇପାରେ । ଭାରତୀୟ ବିମାନ ଶିଳ୍ପ କରୋନା ମହାମାରୀର ପ୍ରଭାବରୁ ବାହାରି ଏବେ ପୁଣି ଥରେ ବିକାଶର ପଥରେ ଆଗେଇବାକୁ ପ୍ରୟାସ କରୁଥିବା ବେଳେ ଏହି ଇନ୍ଧନ ସଙ୍କଟ ଏକ ବଡ଼ ପ୍ରତିବନ୍ଧକ ସାଜିଛି । ଏହି ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସମର୍ଥନ ଏକ ସବସିଡି ନୁହେଁ, ବରଂ ଦେଶର ଭିତ୍ତିଭୂମିରେ ଏକ ଆବଶ୍ୟକୀୟ ନିବେଶ ଭାବରେ ଗ୍ରହଣ କରାଯିବା ଉଚିତ୍ । ବିଶ୍ୱବ୍ୟାପୀ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଭାରତ ନିଜର ଆଭ୍ୟନ୍ତରୀଣ ବଜାର ଏବଂ ଶିଳ୍ପକୁ ସୁଦୃଢ଼ ରଖିବା ନିତାନ୍ତ ଜରୁରୀ । ସରକାରଙ୍କ ସମୟୋଚିତ ପଦକ୍ଷେପ ହିଁ ଦେଶର ଆକାଶପଥକୁ ସୁରକ୍ଷିତ ଏବଂ ସକ୍ରିୟ ରଖିବାରେ ସହାୟକ ହେବ ।

# ଭାରତ - ନରମା ନୁହେଁ ଏକ ଶୃଙ୍ଖଳା ରାଷ୍ଟ୍ର

**ପ୍ରଦୀପ କୁମାର ନାଥ**

ସାଧାରଣ ଓଡ଼ିଆଟେ ପାଇଁ ଏକ ସରକାରୀ ଚାକିରି ଏକାନ୍ତ ଅପରିହାର୍ଯ୍ୟ କାରଣ ଏହା ଅବସର ପର୍ଯ୍ୟନ୍ତ ନିଶ୍ଚିତ ଓ ଅଖଣ୍ଡ ନିଯୁକ୍ତି ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପେନସନ୍ର ନିଶ୍ଚିତତା ଉପରେ ପର୍ଯ୍ୟବେସିତ ଥିଲା ୨୦୦୪ ଯାଏ । ପରିବର୍ତ୍ତୀତ ସମୟରେ ପେନଶନ ପଦ୍ଧତିର ପରିବର୍ତ୍ତନ ପରେ ବି ଏ ସତ୍ୟ କିଛି ମାତ୍ରାରେ ବଳବତ୍ତର ରହିଛି । ସରକାରୀ ତନ୍ତ୍ର କେବଳ ଭଲ ଦରମା ଦିଏ ନାହିଁ, ଏହା ସମଗ୍ର ପରିବାର ପାଇଁ ନିଶ୍ଚିତ ଗୃହ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ସହିତ ଏକ ପରିପୂର୍ଣ୍ଣ ଓ ଉଚ୍ଚତର ଜୀବନଶୈଳୀ ପ୍ରଦାନ କରେ । ଜୀବନ ଚର୍ଯ୍ୟାର ମାନରେ କମାଗତ ବୃଦ୍ଧିରେ ସହାୟକ ହୋଇଥାଏ । ଏହା ଏମିତି ଏକ ସ୍ୱୟଂ ସମ୍ପୂର୍ଣ୍ଣ ଇକୋ-ସିଷ୍ଟମ, ଯାହା ରାଷ୍ଟ୍ରର ସେବା-ଆଦର୍ଶରେ ପର୍ଯ୍ୟବେସିତ ହୋଇଥିଲେ ହେଁ, ବାସ୍ତବରେ ଏହା ତାଠୁ ବହୁ ଦୂରରେ; ଆଉ ଆପେ ବଞ୍ଚିଲେ ବାପାର ନାଁ ଉପପଦ୍ୟର ସଂରଚନରେ ବଡ ସହଜରେ ଖୁବ ଶୀଘ୍ର ଚାକୀରିଆଟେ ନିଜକୁ ଢାଳିଦିଏ ଓ ଯେହେତୁ ସରକାରୀ ଚାକରିରେ ପ୍ରବେଶ ପାଇଁ ଅନେକ ପ୍ରତିବନ୍ଧକ ଏବଂ ସାରା ଜୀବନକାଳ ପାଇଁ ଏହାର ସ୍ଥାୟୀତ୍ୱ ଉଣାଅଧିକେ ପ୍ରାୟତଃ ନିଶ୍ଚିତ, ଏଣୁ ଦୂରରୁ ଏହା ଏକ ରୁଦ୍ଧଦ୍ୱାର ରାଷ୍ଟ୍ର (ଗେଟେଡ଼ ନେସନ) ପରି ପ୍ରତୀତ ହୁଏ ।

ସରକାରଙ୍କ ତିନୋଟି ଯାକ ସ୍ତରରେ ସମ୍ମିଳିତ ଭାବେ ଆଜି ଦିନରେ ପ୍ରାୟ ୧୮୫ ଲକ୍ଷ କର୍ମଚାରୀ ନିଯୁକ୍ତ । କେନ୍ଦ୍ର ସରକାରଙ୍କ ପାଖେ ୩୪ ଲକ୍ଷ ନିଯୁକ୍ତ, ସମସ୍ତ ରାଜ୍ୟ ସରକାର ଠାରେ ମିଳିତ ଭାବରେ ଆଉ ୭୨.୧୮ ଲକ୍ଷ ଓ ଅର୍ଦ୍ଧ-ସରକାରୀ ସଂସ୍ଥାଗୁଡ଼ିକରେ ୫୮.୧୪ ଲକ୍ଷ, ଏବଂ ସ୍ଥାନୀୟ ସରକାରୀ ସ୍ତରରେ, ସାଧାରଣ ନାଗରିକଙ୍କ ସହିତ ସବୁଠୁ ବେଶୀ ସମ୍ପର୍କ । ଯୋଗାଯୋଗ ରଖୁଥିବା ଆଉ ଏକ ସ୍ତର, ଯେଉଁଠି ଆମ ଦେଶରେ କେବଳ ୨୦.୫୩ ଲକ୍ଷ କର୍ମଚାରୀ ନିୟୋଜିତ ଅଛନ୍ତି। ପ୍ରକାରାନ୍ତରେ ଆମକୁ ପ୍ରାୟ ପାଞ୍ଚ ଜଣ ବା ତାଠୁ ବେଶୀ ବ୍ୟକ୍ତି ଏଟା କର, ସେଟା କର ବୋଲି ଆଦେଶ ଓ ଉପଦେଶ ଦିଅନ୍ତି ଏବଂ ଯେହେତୁ ପ୍ରତ୍ୟେକେ ଆମକୁ ସେବା ପ୍ରଦାନ କରନ୍ତି, ଆମେ ସେମାନଙ୍କୁ ଶୁଣିବାକୁ ଓ ମାନିବାକୁ ବାଧ୍ୟ ଏବଂ ଏହି ପାଞ୍ଚ, ଛଅ ଜଣଙ୍କ ମଧ୍ୟରୁ ଜଣେ ସାଧାରଣ ନାଗରିକ ନିଜର କୌଣସି କାମ ବା ସମସ୍ୟା ପାଇଁ କାହା ନିକଟରେ ଉତ୍ତରଦାୟୀ, ତାହା ଏବେ ବି ଏକ ବଡ଼ ଜଟିଳ ପ୍ରଶ୍ନ ? ଏହା ସତ୍ତ୍ୱେ ଏହି ପ୍ରକାରର ପ୍ରଶାସନିକ ବ୍ୟବସ୍ଥା ବର୍ତ୍ତମାନ ଜିଡିପିର ଶତକଡା ୧୨.୭୪ ଅଂଶ ଓ ସତରେ କଣ ଏକ ମୋଟା ଶରୀର ଧାରୀ ବା ପୃଥୁଳକାୟ ସରକାର ଆମ ଉପରେ ମାଡି ବସିଛି ଓ ନା, ବାସ୍ତବରେ ସେମିତି କିଛି ନୁହେଁ ଓ ଭାରତରେ ପ୍ରତି ଲକ୍ଷେ (୧୦୦, ୦୦୦) ନାଗରିକଙ୍କ ପାଇଁ ୧୬୨୨.୮ ଜଣ ସରକାରୀ କର୍ମଚାରୀ ଥିବା ବେଳେ, ଆମେରିକାରେ ଏ ମାନଙ୍କ ସଂଖ୍ୟା ୭୬୮୧ ଓ ଯେଉଁ ୩.୧ ନିୟୁତ କର୍ମଚାରୀ କେନ୍ଦ୍ର ସରକାରଙ୍କ ଅଧୀନରେ, ତାର ଆନୁପାତିକ ହାର ଏଇମିତି; ଭାରତରେ ପ୍ରାୟ ଲକ୍ଷେ (୧୦୦,୦୦୦) ନାଗରିକଙ୍କୁ ସେବା ପ୍ରଦାନ କରିବା ପାଇଁ ୨୫୭ ଜଣ କର୍ମଚାରୀ ମହଜୁଦ ଥିବା ବେଳେ / ସ୍ଥଳେ, ମାର୍କିନ (ଆମେରିକାର) ସଂଘୀୟ ସରକାରଙ୍କ ତରଫରୁ ୮୪୦ ଜଣ ସେ କାମ ପାଇଁ ନିଯୁକ୍ତ ଅଛନ୍ତି ଓ ବର୍ତ୍ତମାନ ରାଜ୍ୟ ସ୍ତରରେ ପରବର୍ତ୍ତୀ ବା ଦ୍ୱିତୀୟ ଛେକକୁ ଦେଖନ୍ତୁ।

ବିହାରରେ ପ୍ରତି ଲକ୍ଷେ (୧୦୦,୦୦୦)ରେ କେବଳ ୪୫୭.୬୦ ଜଣ, ମଧ୍ୟପ୍ରଦେଶରେ ୮୨୬.୪୭, ଉତ୍ତର ପ୍ରଦେଶରେ ୮୦୧.୬୭, ଓଡ଼ିଶାରେ ୧,୧୯୧.୯୭ ଏବଂ ଛତିଶଗଡ଼ରେ ୧,୧୭୪.୬୨ ଜଣ ଅଛନ୍ତି। ଏହାର ଅର୍ଥ ନୁହେଁ ଯେ ଦାରିଦ୍ର୍ୟ ଏବଂ ସରକାରୀ କର୍ମଚାରୀଙ୍କ ନିମ୍ନ ସ୍ତର ମଧ୍ୟରେ ଏକ କାର୍ଯ୍ୟକରଣ ସମ୍ପର୍କ ଅଛି: ଗୁଜରାଟରେ ପ୍ରତି ୧୦୦,୦୦୦ରେ କେବଳ ୮୨୬.୪୭ ଜଣ ଏବଂ ପଞ୍ଜାବରେ ୧,୨୬୩.୩୪ ଜଣ କାର୍ଯ୍ୟରତ ଅଛନ୍ତି ।

ସମସ୍ୟା ଜର୍ଜରିତ ବା ସମସ୍ୟା ବହୁଳ ରାଜ୍ୟଗୁଡ଼ିକର ସ୍ଥିତି ପ୍ରକୃତରେ ବେଶ ସନ୍ତୋଷଜନକ । ତେଣୁ, ମିଜୋରାମରେ ପ୍ରତି ୧୦୦,୦୦୦ ଜନସଂଖ୍ୟାରେ ୩,୯୫୦.୨୭ ସରକାରୀ କର୍ମଚାରୀ, ନାଗାଲାଣ୍ଡରେ ୩,୯୨୦.୬୨ ଏବଂ ଜମ୍ମୁକାଶ୍ମୀରରେ ଆଜି ଦିନରେ ୩୫୮୫.୯୬ ସରକାରୀ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ସିକିମରେ ଅବସ୍ଥାପିତ ପ୍ରତି ଲକ୍ଷେ ନାଗରିକଙ୍କ ପାଇଁ ୬,୩୯୪.୮୯ ସରକାରୀ କର୍ମଚାରୀ ଯଦିଓ ସାରା ଦେଶରେ ସବୁଠୁ ବେଶୀ, ତଥାପି ଭାରତର କୌଣସି ରାଜ୍ୟର ଜନସଂଖ୍ୟା । ଅନୁସାରେ ସେବା ପ୍ରଦାନକାରୀ କର୍ମଚାରୀଙ୍କ ସଂଖ୍ୟା ଆନ୍ତର୍ଜାତୀୟ ସ୍ତରର ନିକଟ ନିକଟବର୍ତ୍ତୀ ହୁଅନ୍ତି ନାହିଁ ।

ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ଭାରତର ଅପେକ୍ଷାକୃତ ପଛୁଆ ରାଜ୍ୟଗୁଡ଼ିକରେ ସରକାରୀ କର୍ମଚାରୀଙ୍କ ଅନୁପାତ ଯଥେଷ୍ଟ କମ । ପ୍ରକାରାନ୍ତରେ ଦାରିଦ୍ର୍ୟ ଦୂର କରିବା ପାଇଁ ଅତ୍ୟାବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସେବା ଯୋଗାଇବା ପାଇଁ ପର୍ଯ୍ୟାପ୍ତ ସରକାରୀ କର୍ମଚାରୀ ଉପଲବ୍ଧ ନାହାନ୍ତି। ସ୍ପଷ୍ଟ ଭାବରେ ଭାରତର ଅଧିକାଂଶ ଅଂଚଳରେ ବିଶେଷକରି ଅପେକ୍ଷାକୃତ ପଛୁଆ ରାଜ୍ୟଗୁଡ଼ିକରେ ସରକାରୀ କର୍ମଚାରୀଙ୍କ ସଂଖ୍ୟା ଆନୁପାତିକ ଭାବେ କମ୍ ଅଛି। ଏହାର ଅର୍ଥ ହେଉଛି ଦାରିଦ୍ର୍ୟ ଦୂର କରିବା ପାଇଁ ଆବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସେବା ଯୋଗାଇବା ପାଇଁ କର୍ମଚାରୀ ଉପଲବ୍ଧ ନାହାନ୍ତି।

ଗତ କିଛି ବର୍ଷ ଧରି ମୁଁ ଭାରତର ଉପାନ୍ତ ତଥା ଅପହଞ୍ଚ ଇଲାକାରେ ଅଧ୍ୟାପନା ଓ ଗବେଷଣା ପାଇଁ ପ୍ରାୟତଃ ଡାଟା କଲେକ୍ସନ (ତଥ୍ୟ ସଂଗ୍ରହ ) କାମରେ ନିୟୋଜିତ ଅଛି। ସବୁଠାରୁ ବଡ଼ ଅନୁଭୂତି ହେଲା, "ଯେମିତି ଅଲକାତରଓ ରାସ୍ତା ଆପଣ ଛାଡି, ରାଜପଥରୁ ତଳକୁ ଓଲ୍ହାଇଲେ", ସରକାରଙ୍କ ଅନୁପସ୍ଥିତି ଜଳଜଳ ହେଇ ଦିଶିଯାଏ । ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯଦି ତାଲା ପଡ଼ିନି, ତେବେ ତାହା ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ହିଁ ଖୋଲା ବୋଲି ବୁଝିବାକୁ, କୌଣସି ପ୍ରକାରର ଜ୍ଞାନରେ କୁଶଳୀ କରିବାର ସାମାନ୍ୟତମ ଆଭାସ ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ ଓ ଉଦାହରଣ ସ୍ୱରୂପ, ବହୁଚର୍ଚ୍ଚିତ ଦାନ ମାଝି ରହୁଥିବା ଗାଁ "ନାକରୁଣ୍ଡି ପଂଚାୟତ ମେଲାଘରଓ ଗାଁ" ଆଉ ତା ଆଖପାଖ ସେଇ ପଂଚାୟତର ବସ୍ତି ମାନଙ୍କ ପାଞ୍ଚୋଟି ସ୍କୁଲରେ ମାଷ୍ଟ୍ରେ ବା ମାଷ୍ଟ୍ରାଣୀ ଯେଉଁ ଏଗାର ପ୍ରକାରେ ବର୍ଣ୍ଣମାଳାର ପ୍ରଥମ ଅକ୍ଷର କୁ ଶିଖେଉ ଥିଲେ ତାହା ଏକ ଗବେଷଣାର ବିଷୟ । ଉପରେ ଦୁଇଟା ଛୋଟ ଆଳୁ , ତଳେ ଗୁଟେ ବଡ଼ ଆଳୁ, ଭୁଜନି ଫାଲେ ଛତଓର ବାଁକୁଲିବାଡି । ପୋଲିସ, ଜଳସେଚନ, ବିଦ୍ୟୁତ୍ ଏବଂ ପିଡବ୍ଲୁଡି ବିଭାଗର ଉପସ୍ଥିତି ଏଠି ପ୍ରାୟତଃ ଦେଖିବାକୁ ମିଳେ ନାହିଁ । ଅଧିକାଂଶ ଆର୍ଦ୍ଧବାସୀ ଜନଜାତିର ମୂଳ ବାସସ୍ଥାନରେ ଆଧୁନିକ ଭାରତର ଏକମାତ୍ର ଉପସ୍ଥିତି ପ୍ରାୟତଃ ଦେଶୀ ମଦ (ମହୁଲି) ଠିକାଦାର କିମ୍ବା ବନରକ୍ଷୀ। ଆଦିବାସୀ ଜନଜାତିର ମୂଳ ବାସସ୍ଥାନରେ ସତେ ଯେମିତି ଏକ ବିରାଟ ଷ୍ଟେଟଲେସ ନେସନ ବା ରାଷ୍ଟ୍ର ବିହୀନ ଦେଶ ଓ ଜିଲ୍ଲା ସଦର ମହକୁମାରୁ ଚାଳିଶ ପଚାଶ କିଲୋମିଟର ଦୂରକୁ ଗଲେ ଏମିତି ଅସଂଖ୍ୟ ରାଷ୍ଟ୍ର ବିହୀନ ଦେଶ କାହାକୁ ବି ଅତି ସହଜରେ ଦିଶିବ ।

ସହରାଞ୍ଚଳରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ କେବଳ ଚହଟ ଚିକ୍କଣ ନେତାଙ୍କ ଝାଡୁ ଧରା ହ୍ୱାଟ୍ସଆପ ଫୋଟୋ ଉପଲୋଡରେ ସୀମିତ ହେଇ ବାକି ସବୁ ମୂଳ କଥା ଅଣଦେଖା ଓ କଣଚେସା ହେଇଯାଏ । ଦଶବର୍ଷ ବିତି ଯାଇଥିଲେ ବି ଏସ. ଡବ୍ଲୁ. ଏମ ୨୦୧୬ (ସଲିଡ଼ ୱେଷ୍ଟ ମେନେଜମେଣ୍ଟ, ରୁଲ ୨୦୧୬ )ଠୁ, ଚଙ୍କେ ବି ଆଗକୁ ଆମେ ଯାଇ ପରିନୁ ଓ ମୂଳ କଥାଟା ଅଳିଆ ସୃଷ୍ଟି କରୁଥିବା ବ୍ୟକ୍ତି (ସଲିଡ଼ ୱେଷ୍ଟ ଜେନେରେଟର)ର ସଚେତନତା ବିଷୟରେ ଆମେ ଟିକେ ବି ନଜର ଦେଇ ନୁ ଏ ଯାଏ ।

ଏମିତିକି ନୂତନ ୨୦୨୬ ନିୟମ ଅନୁସାରେ ୧୦୦ କିଲୋଗ୍ରାମରୁ ବେଶୀ ଅଳିଆ ସୃଷ୍ଟି କରୁଥିବା ୟୁନିଟ ରେ ସ୍ୱକୀୟ ବ୍ୟବସ୍ଥା (ବା ଇନ ସିଟୁ ପ୍ରୋସେସିଂ ୟୁନିଟ) ରହିବା ଦରକାର, ଯଉଠି ମାଟିରେ ମିଶି ସାର ହେଇ ପାରୁଥିବଓ ଅଳିଆ ପାଇଁ ନିଜସ୍ୱ ପ୍ରୋସେସିଂ ୟୁନିଟ ରହିବା ଅନିବାର୍ଯ୍ୟ । ସାତ ଲୋକକଲ୍ୟାଣ ମାର୍ଗରେ ବାର ଏକର ପରିମିତ ପ୍ରଧାନମନ୍ତ୍ରୀଙ୍କ ବାସଗୃହ ପରିସରରେ ନିୟମାନୁଯାୟୀ ଏପ୍ରକାରର କୌଣସି ବି ନିଜସ୍ୱ ୟୁନିଟ ଥିବା କଥା ଆମେ ଜାଣୁ ନାହିଁ, (ଗୀତା ତୃତୀୟ ଅଧ୍ୟାୟ ଏକୋଇଶ ନମ୍ବର ଶ୍ଳୋକ।) ଏହା ହିଁ ତା ସନାତନ ବୈଦିକ ପରମ୍ପରାର ଆଦର୍ଶ।

ସାମଗ୍ରୀକ ଭାବେ ଅଳିଆ ସୃଷ୍ଟି, ତାର ଟ୍ରାନ୍ସପୋର୍ଟ ଓ ପରିଶେଷରେ ତାର ସଫଳ ବିନିଯୋଗକୁ ଏକ ପେକେଜ ଭବେ ଗ୍ରହଣ କରି ଏକ ଥରକେ ସବୁଠି ସେ କାମ ହେବା ଦରକାର, ନଚେତ କୌଣସି ଗୋଟେ କାମ ନେଇ ବାହାବା ନେଲେ ସହର କି ଗାଁ ପରିମଳ ତ ଦୂରର କଥା, ସାରା ଭାରତ ଏକ ଖୋଲା ପାଇଖାନା ବା ଓପେନ ଲେଣ୍ଡଫିଲ ଭାବେ ହିଁ ପ୍ରତୀତ ହେବ, ଯାହା ବର୍ତ୍ତମାନର ନିଷ୍ଠୁର ବାସ୍ତବତା ।

ଅଳିଆ, ସ୍ୱେରେଜ୍ ଏବଂ ଆବର୍ଜନା ସଂଗ୍ରହ କରିବା ଏବଂ ସେମାନଙ୍କର ନିଷ୍କାସନପାଇଁ କୌଣସି ସୁଚାରୁ ବ୍ୟବସ୍ଥା ହିଁ ନାହିଁ। ହରିୟାଣାର ତତ୍କାଳୀନ ମଃଖ୍ୟମନ୍ତ୍ରୀ ଆରମ୍ଭ କଲେ ଫେଶଲେଷ ଗୋଭେରନାନ୍ସ । ଆଜି ସେ ଭଦ୍ର ବ୍ୟକ୍ତି କେନ୍ଦ୍ରରେ ପରିମଳ ଓ ସହରୀ ବିକାଶର କେବିନେଟ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ସମୟୋଚିତ, କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆମକୁ ଏପରି ଏକ ଜନଭିତ୍ତିକ ଆନୁଷ୍ଠାନିକ କ୍ଷେତ୍ର (ଇନ୍ଷ୍ଟିଟ୍ୟୁସନଲ ଇକୋ ସିଷ୍ଟମ) ତିଆରି କରିବାକୁ ହେବ ଯାହାର ମୂଳଭିତ୍ତି ଜନଭାଗିଦାରୀ ହେବଓ ଏକାନ୍ତ ଜରୁରୀ ଓ ଏହି କାରଣରୁ ସ୍ଥାନୀୟ ସରକାର (ଲୋକାଲ ଗଭରନେନ୍ସ)ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାର କୌଣସି ବିକଳ୍ପ ନାହିଁ ।

ଫ୍ରେଡ୍ରିକ୍ ଏଙ୍ଗେଲ୍ସ ଭବିଷ୍ୟବାଣୀ କରିଥିଲେ ଯେ ସମାଜ ଯେତେବେଳେ ବିକଶିତ ହୁଏ , ତା ସହିତ 'ସାମାଜିକ ବ୍ୟାବସ୍ଥାରେ ଥିବା ପରସ୍ପରିକ ସମ୍ପର୍କକୁ ରାଷ୍ଟ୍ରଶକ୍ତି ଯେଉଁ ପ୍ରକାର ହସ୍ତକ୍ଷେପ କରିଆସୁଥିଲା, ତାହା ଧୀରେ ଧୀରେ ଢିଲା ହେଇଯାଏ, ପରିଶେଷରେ ଗୋଟେ ପରେ ଗୋଟେ କ୍ଷେତ୍ରରୁ ରାଷ୍ଟ୍ର ଅପସୃତ ହେଇଯାଏ ଓ ଗୋଟିଏ ପରେ ଗୋଟିଏ କ୍ଷେତ୍ର ସ୍ୱତଃ ଅନାବଶ୍ୟକ ହୋଇଯାଏ, ଏବଂ ତା'ପରେ ଆପେଆପେ ବନ୍ଦ ହୋଇଯାଏ। ରାଷ୍ଟ୍ରର ସାର୍ବଭୌମ କ୍ଷମତା ନିଜ ନାଗରିକଙ୍କ ଉପରେ ଆଗପରି ଜାହିର କରି ପାରେ ନାହିଁ; ରାଷ୍ଟ୍ର 'ଉଚ୍ଛେଦ' କି 'ବିଲୋପ' ହେଇ ଯାଏନା, ତୁଳସୀ ଗଛ ପରି ପଉହି ଯାଏ, ଅର୍ଥାତ ଶୁଖି କଳକାଠ ପଡିଯାଏ।'

କିନ୍ତୁ ଭାରତରେ ଯାହା ପରିଦୃଶ୍ୟ ହୁଏ, ତା' ହେଲା ଯେ ଭାରତରେ କୌଣସି ଆଖିଦୃଶିଆ ସାମାଜିକ ଏବଂ ଆର୍ଥିକ ରୂପାନ୍ତରଣ ବିନା ହିଁ ରାଷ୍ଟ୍ର ଧୀରେଧୀରେ ଶୁଖିଶୁଖି କଳକାଠ ପଡିଯାଉଛି।


ମାର୍ଫତ୍- ଶ୍ରୀମତୀ ହେମପ୍ରଭା,
ପ୍ଲଟ ନଂ- ୫୫୮, ସେକ୍ଟର-୩୮,
ପୋ- ସାଉଥ୍ ସିଟି-୨, ଜିଲ୍ଲା-
ଗୁରୁଗ୍ରାମ-୧୨୨୦୧୮, ହରିଆଣା


# ଶ୍ରୋତା ବିହୀନ ସମ୍ବର୍ଦ୍ଧନା ସଭା



**ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର**

ଆଜିକାଲି ସମାଜରେ ବିଭିନ୍ନ ସଭା, ସମିତି, ସାହିତ୍ୟିକ ଆସର, ସାମାଜିକ କାର୍ଯ୍ୟକ୍ରମ ଆଦିର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି। ଏହି ସଭାମାନଙ୍କରେ ଅତିଥି, ବକ୍ତା ଓ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳୁଛି, କିନ୍ତୁ ଏହାର ବିପରୀତ ଭାବେ ଶ୍ରୋତାଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଏହା ଆମ ସାମାଜିକ ଓ ସାଂସ୍କୃତିକ ଜୀବନରେ ଏକ ବାସ୍ତବ ପରିସ୍ଥିତିକୁ ପ୍ରକାଶ କରେ।

ଏହାର ମୂଳ କାରଣ ହେଉଛି ଲୋକଙ୍କ ରୁଚିର ପରିବର୍ତ୍ତନ। ପୂର୍ବେ ଲୋକମାନେ ଜ୍ଞାନ ଅର୍ଜନ ପାଇଁ ସଭା-ସମିତିରେ ଯୋଗ ଦେଉଥିଲେ, କିନ୍ତୁ ବର୍ତ୍ତମାନ ଡିଜିଟାଲ ଯୁଗରେ ମୋବାଇଲ, ଇଣ୍ଟରନେଟ, ସୋସିଆଲ ମିଡିଆ ଆଦି ଲୋକମାନଙ୍କର ଅଧିକ ସମୟ ଦାବି କରୁଛି। ଯା ଫଳରେ ସଭାରେ ଯାଇ ଶୁଣିବା ପ୍ରତି ଆଗ୍ରହ କମିଯାଉଛି। ଦ୍ୱିତୀୟତଃ, ଅନେକ ସଭାରେ ସେହି ଏକା ବିଷୟରେ ପୁନରାବୃତ୍ତି ହେଉଥିବା ଭାଷଣ, ଶ୍ରୋତାଙ୍କୁ ବିରକ୍ତ କରେ। ନୂତନତ୍ୱର ଅଭାବ ଓ ରୋଚକ ପ୍ରସ୍ତୁତି ନ ଥିବାରୁ ବିଦଗ୍ଧ ଶ୍ରୋତୃ ମଣ୍ଡଳୀ ଏହି ପ୍ରକାର ସଭାରୁ ଦୂରେଇ ଯାଉଛନ୍ତି।

ତୃତୀୟତଃ, ଆଜିକାଲି ସମ୍ବର୍ଦ୍ଧନା ଦେବା ଏକ ପ୍ରଚଳିତ ପ୍ରଥା ହୋଇଗଲାଣି। ପ୍ରାୟ ପ୍ରତ୍ୟେକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବ୍ୟକ୍ତିଙ୍କୁ ( ପ୍ରତ୍ୟେକଙ୍କୁ କୌଣସି ନା କୌଣସି କାରଣରୁ) ସମ୍ବର୍ଦ୍ଧିତ କରାଯାଏ, ଯାହା ସଭାର ଅସଲ ଉଦ୍ଦେଶ୍ୟକୁ ଧୂସର କରେ। ଯା ଫଳରେ ମଞ୍ଚାସୀନ ଅତିଥି ଓ ମଞ୍ଚ ତଳେ ଥିବା ଶ୍ରୋତା ନିଜ ନିଜ ମୋବାଇଲରେ ଟାଇମ୍ ପାସ୍ କରିବାକୁ ବାଧ୍ୟ ହୁଅନ୍ତି। ଅଧିକ ସମୟ ବ୍ୟୟ ହୁଏ ସମ୍ବର୍ଦ୍ଧନାରେ ଓ ମୂଳ ବିଷୟରେ ଆଲୋଚନା କମ୍ ହୁଏ। ଏହା ଶ୍ରୋତାଙ୍କୁ ବିମୁଖ କରେ। ତାପରେ ଅନେକ ସମୟରେ ବକ୍ତାମାନେ ଦୀର୍ଘ ସମୟ ଧରି ଅନାବଶ୍ୟକ ଭାବେ ପ୍ରଦତ୍ତ ଶୀର୍ଷକ ବ୍ୟତୀତ ଅନାବନା ଭାଷଣ ଦେଇଥାନ୍ତି, ଯାହା ଶ୍ରୋତାଙ୍କ ପାଇଁ କ୍ଳାନ୍ତି ତଥା ବିରକ୍ତିକର ହୁଏ। ଚତୁର୍ଥତଃ, ଆଧୁନିକ ଜୀବନର ବ୍ୟସ୍ତତା ମଧ୍ୟ ଏହି ସମସ୍ୟାର ଏକ ମୁଖ୍ୟ କାରଣ। ଲୋକମାନେ ନିଜ ଜୀବିକା, ପରିବାର ଓ ବ୍ୟକ୍ତିଗତ କାମରେ ବହୁତ ବ୍ୟସ୍ତ ରହୁଛନ୍ତି। ତେଣୁ ସଭାରେ ଯୋଗ ଦେବା ପାଇଁ ସମୟ ମିଳୁନାହିଁ। ଏହା ସହିତ ଯାତାୟାତ ସମସ୍ୟା ଓ ଦୂରତା ମଧ୍ୟ ଶ୍ରୋତାଙ୍କ ଯୋଗଦାନକୁ ପ୍ରଭାବିତ କରେ। ଏହି ପ୍ରକାର ସଭା ସମିତି ଦେଖିଲେ, ଆମ ପଡ଼ୋଶୀ ଦେଶର କ୍ରିକେଟ୍ ଦଳ କଥା ମନେ ପଡେ। ବୋଧେ ଆପଣମାନଙ୍କର ବି ମନେ ଥିବ। କିଛି ବର୍ଷ ତଳେ ସେ ୧୧ ଜଣିଆ ଦଳରେ ଥିବା ୮/୯ ଜଣ ଅଳ୍ପ ଅଳ୍ପ ସମୟ ପାଇଁ ଅଧିନାୟକତ୍ୱ କରିଥିବା ସଦସ୍ୟ ଥିଲେ।

ଏହାର ସମାଧାନ ପାଇଁ ସଭାଗୁଡ଼ିକ ରୋଚକ ଓ ସାରଗର୍ଭକ ହେବା ଦରକାର। ଛୋଟ ଏବଂ ସଂକ୍ଷିପ୍ତ ଭାଷଣ ଶ୍ରୋତାଙ୍କୁ ଆକର୍ଷିତ କରିପାରିବ। ଦ୍ୱିତୀୟତଃ, ନୂତନ ବିଷୟ ଓ ଚର୍ଚ୍ଚା ଉପସ୍ଥାପନ କରାଯିବା ଉଚିତ। ତୃତୀୟତଃ, ଅନାବଶ୍ୟକ ସମ୍ବର୍ଦ୍ଧନାକୁ କମାଇ ମୂଳ ବିଷୟକୁ ଗୁରୁତ୍ୱ ଦିଆଯିବା ଦରକାର। ଚତୁର୍ଥତଃ, ଡିଜିଟାଲ ମାଧ୍ୟମକୁ ମଧ୍ୟ ସଭା ସହ ଯୋଡ଼ି ଅଧିକ ଲୋକଙ୍କୁ ଆକର୍ଷିତ କରାଯାଇପାରେ।

ବକ୍ତା ଓ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବା ଭଲ କଥା, କିନ୍ତୁ ଶ୍ରୋତାଙ୍କ ଅଭାବ ଏହି ସଭାର ବିଫଳତାକୁ ଦର୍ଶାଏ । ତେଣୁ ଶ୍ରୋତାଙ୍କ ଆଗ୍ରହ ବଢ଼ାଇବା ପାଇଁ ଆମକୁ ଉଚିତ ପଦକ୍ଷେପ ନେବା ଆବଶ୍ୟକ।


+କ୍ରମାଗତ ଦ୍ୱିତୀୟ ଥର
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ
ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ
ବିଦ୍ୟାଳୟ,
ଭଞ୍ଜନଗର, ଗଞ୍ଜାମ
ମୋ: ୯୦୯୦୫୦୭୯୫୫





## ମୋ ଦେଶ ଭାରତ

**ଚନ୍ଦନ କୁମାର ପାଣିଗ୍ରାହୀ**

ସ୍ୱର୍ଣ୍ଣମୟୀ ମାଆ ବୀର ପ୍ରସବିନୀ
ଜଗତେ ସେ ବିଖ୍ୟାତ ।
ହିମାଳୟ ଯାର ମଉଡ଼ ର ମଣି
ପାଦ ଧୋଏ ଜଳସ୍ରୋତ ?

ସୌନ୍ଦର୍ଯ୍ୟ ମଣ୍ଡିତ ନବ କଳେବର
ବିଶ୍ୱ ମଧ୍ୟେ ଉତ୍କର୍ଷ ।
ଜନ୍ମଭୂମି ତା'ର ଅନ୍ୟ ଏକ ନାମ
ନାମ ତା ଭାରତବର୍ଷ ?

ଗିରିରାଜି ଠାରୁ ନଦ ନଦୀ ଯାଏଁ
ସଭିଙ୍କୁ ଦେଇଛି ସ୍ଥାନ ।
ଜନନୀ ପରି ସେ କର୍ତ୍ତବ୍ୟ କରିଛି
ମମତା କେଡ଼େ ମହାନ ?

ଜାତି-ଧର୍ମର ଭେଦ ନାହିଁ ଏଠି
ସେ ଯେ ଧର୍ମ ନିରପେକ୍ଷ ।
ସଭିଏଁ ତାହାର ବଗିଚାର ଫୁଲ
ମେଲିଛି ବିଶାଳ ବକ୍ଷ ?

ଇତିହାସ ତାର ରକ୍ତରେ ରଞ୍ଜିତ
ସହିଛି କଷ୍ଟ ଦାରୁଣ ।
ଜଗଜ୍ଜନ ହିତେ ଅତୀତକୁ ଭୁଲି
ବିତରଇ ସୁଧା କିରଣ ?

ଚଣ୍ଡାଶୋକ ପୁଣି ଧର୍ମାଶୋକ ହୁଏ
କିମ୍ବଦନ୍ତୀ ତାର ଅଲଗା।
ସ୍ୱାଧୀନ ଆକାଶର ବିହଙ୍ଗ ଟେ ପରି
ଉଡୁଥାଏ ଏଠି ତ୍ରିରଙ୍ଗା ?

ବିଦେଶୀ ଶାସକ ରାଜଗାଦି ପାଶେ
ଚଳେଇଥିଲେ ଶାସନ ।
ସ୍ୱାଧୀନ ରୂପକ ପିୟୁଷ ନିମିତ୍ତ
ଯାଇଛି କେତେ ଜୀବନ ?

ମାଆ ଠାରୁ ବଳି ମମତା ମୟୀ ସେ
ଜୀବନେ ଭରିଛି ଶ୍ୱାସ ।
କର୍ତ୍ତବ୍ୟ ପାଇଁ କି ଜୀବନ ମୋ ଦେବି
ହେଲେ ହେଉ ପଛେ କ୍ଳେଶ ?
ନୀଳକଣ୍ଠ ପରି ବିଷ ପାନ କରି
ବାଣ୍ଟିଛି ସେ ଅମୃତ ।
ସୁରକ୍ଷା ତା'ର କର୍ତ୍ତବ୍ୟ ମୋହରି
ଥିବା ଯାଏ ଦେହେ ରକତ ?

ଗାନ୍ଧୀ ମହାତ୍ମାଠୁ ସୁବାସ୍ ବୋଷ ଯାଏଁ
ବୋଲାନ୍ତି ଗୋଟିଏ କଥା ।
ଦେଶ ମାତୃକାକୁ ଛାଡ଼ିବୁନି ତିଳେ
କଟିଗଲେ ପଛେ ମଥା ?

ଉନ୍ନତି ହୋଇଛି ଆହୁରି ହୋଇବ
ମୋ ଦେଶର ପ୍ରଗତି ।
ବିଶ୍ୱ ଦରବାରେ ଗର୍ବରେ କହିବି
ଅହିଂସା ମୋର ନୀତି ?

ଗୀତା,ବାଇବେଲ କୋରାନ ଧର୍ମଗ୍ରନ୍ଥ
ସର୍ବ ଧର୍ମ ସମନ୍ୱୟ ।
ପିଲା ଠାରୁ ବୁଢ଼ା ସଭିଏଁ ବୋଲନ୍ତି
ଭାରତ ମାତାର ଜୟ ?

## ବୁଢ଼ା ବରଗଛ

**ସୁଜିତ କୁମାର ମିଶ୍ର**



ଗାଆଁ ମୁଣ୍ଡେ ଆମ ବୁଢ଼ା ବରଗଛ
ଆନନ୍ଦେ ହୋଇଛି ଠିଆ,
ଜେଜେବାପା ପରି ଆଦର ତାହାର
ସୁଖେଦୁଃଖେ ସିଏ ସାହା ।

ସକାଳଠୁ ସଞ୍ଜ ପରଶ ଦିଏ ସେ
ଶୀତଳ ଛାଇର ସୁଧା,
ନିଜ ପାଇଁ କେବେ କାହାରି ପାଖରେ
ହୁଏ ନି ସେ ନିତି ବନ୍ଧା ।

ପକ୍ଷୀଙ୍କ ପାଇଁ ସେ ଖୋଲିଦେଇଛି ତା
ମମତାରେ ଭରା ଛାତି,
କାଠି କୁଟା ବସା ତାହାରି କୋଳରେ
ସରଗ ସୁଖର ମୋତି ।

ସହୁଛି ସେ ତାତି ଝଡ ଓ ତୋଫାନ
ସାହସୀ ଯୋଦ୍ଧା ଟେ ହୋଇ,
ତା ପରି ଶ୍ରଦ୍ଧାର ଦରଦୀ ବନ୍ଧୁ ଟେ
ସଂସାରରେ ଆଉ କାହିଁ !

ପଥିକ ପାଇଁ ସେ ପ୍ରାଣର ସ୍ପନ୍ଦନ
ଶୀତଳ ଚନ୍ଦନ ଧାରା,
ଥକା ମନକୁ ସେ ଶାନ୍ତି ଭରିଦିଏ
ଆପଣାର ହୋଇ ପରା ।

ବୁଢ଼ା ବରଗଛ ହୋଇ ବି ସୁନ୍ଦା ସେ
ଚାଲୁଛି ତୁମରି ପରି,
ତୁମେପିଲେ ହେଲେ ବରଗଛ ପରି
ଲଭିବ ସୁଖଶିରୀ ।


+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨



# କାମ ଦେଉନି ପରିବାରବାଦ



କଣ୍ଠଶିଳ୍ପୀ-ସଂଗୀତ ନିର୍ଦ୍ଦେଶକ ଅମାଲ ମଲିକ କିଛି ବର୍ଷ ହେଲା ଗୋଟିଏ ବେଦନାକୁ ମନରେ ଚାପି ରଖିଥିଲେ। ଅସହ୍ୟ ହେବାରୁ ଶେଷରେ ସେ ପ୍ରଶଂସକମାନଙ୍କ ସହିତ ତାହା ବାଣ୍ଟିଛନ୍ତି। ଅମାଲଙ୍କ ଦୁଃଖର କାରଣ ହେଲା ଚଳଚ୍ଚିତ୍ର ଓ ସଂଗୀତ ଶିଳ୍ପର କେତେକ ପ୍ରଭାବଶାଳୀ ବ୍ୟକ୍ତି ତାଙ୍କ ହାତରୁ ୬୦ ସରିକି ଚଳଚ୍ଚିତ୍ରର କାମ ଛଡ଼ାଇ ନେଇଛନ୍ତି। ସେ ଆହୁରି ୨୦ଟି ଚଳଚ୍ଚିତ୍ରର କାମ ନିଜେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି, କାରଣ ସେଭଳି ପରିବେଶରେ କାମ କରିବା ତାଙ୍କ ପାଇଁ ସମ୍ଭବ ଲାଗି ନଥିଲା। ଚଳଚ୍ଚିତ୍ରରେ କାମ ମିଳୁ ବା ନ ମିଳୁ, ପ୍ରଶଂସକଙ୍କ ପାଇଁ ଗୀତ ଓ ଭିଡିଓ ପ୍ରସ୍ତୁତ କରିବା ପାଇଁ ସେ ଯଥାସମ୍ଭବ ଉଦ୍ୟମ କରିଆସିଛନ୍ତି ଓ ଆଗକୁ ମଧ୍ୟ କରିବେ ବୋଲି ଅମାଲ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ତେବେ ଉକ୍ତ ପ୍ରକ୍ରିୟାରେ ଶ୍ରୋତାଙ୍କୁ ମଧ୍ୟ କ୍ଷତି ସହିବାକୁ ପଡ଼ିଛି ବୋଲି ସେ ଦୁଃଖିତ। ସେହି କ୍ଷୋଭକୁ ପ୍ରକାଶ କରିବା ପାଇଁ ହିଁ ଅମାଲ ଶେଷରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଦୀର୍ଘ ଲେଖା ଛାଡ଼ିଛନ୍ତି। ସେଥିରେ ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଗତ ଆଠ ବର୍ଷ ହେଲା ସେ ନିଜର ଶ୍ରେଷ୍ଠ ଉଦ୍ୟମ କରିଆସୁଛନ୍ତି, ଆନ୍ତରିକ ଭାବେ ସଂଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ କରୁଛନ୍ତି। ତଥାପି ଏହି ଶିଳ୍ପର କିଛି କ୍ଷମତାଶାଳୀ ବ୍ୟକ୍ତି ତାଙ୍କ ନିଜ ଚଳଚ୍ଚିତ୍ରରେ ତାଙ୍କୁ ସୁଯୋଗ ଦେଉନାହାନ୍ତି କି ଅନ୍ୟ କେହି ସୁଯୋଗ ଦେବାକୁ ଚେଷ୍ଟା କଲେ ସେଥିରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ରାଜନୀତି ଯୋଗୁଁ ଆଜିକାଲି ତାଙ୍କର ଖୁବ୍ କମ୍ ନୂଆ ଗୀତ ପ୍ରକାଶ ପାଉଛି। ପରିହାସ ଛଳରେ ସେ ଲେଖିଛନ୍ତି ଯେ ଏ କ୍ଷେତ୍ରରେ ପରିବାରବାଦ ବି ବିଫଳ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ ଅମାଲ ସଂଗୀତଜ୍ଞଙ୍କ ପରିବାରରେ ଜନ୍ମିତ। ସେ ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଅନୁ ମଲିକଙ୍କ ପୁତୁରା। ୨୦୧୪ରେ ସଲମାନ ଖାଁଙ୍କ 'ଜୟ ହୋ' ଚଳଚ୍ଚିତ୍ରରୁ ତାଙ୍କ ସଂଗୀତ ନିର୍ଦ୍ଦେଶନା କ୍ୟାରିଅର ଆରମ୍ଭ ହୋଇଥିଲା। ଏହା ପରେ ସେ 'ଏଆରଲିଫ୍ଟ', ଏମ୍‌ଏସ୍ 'ଧୋନୀ: ଦି ଅନ୍‌ଟୋଲ୍ଡ ଷ୍ଟୋରି', 'କବୀର ସିଂହ' ପରି ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି।

# ବିଗ୍ ବି ଅମିତାଭ ବଚ୍ଚନ ହସ୍ପିଟାଲରେ ଭର୍ତ୍ତି

ଶତାବ୍ଦୀର ମେଗାଷ୍ଟାର ଭାବରେ ଜଣାଶୁଣା ବିଗ୍ ବି ଅମିତାଭ ବଚ୍ଚନ ମୁମ୍ବାଇର ନାନାବତୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ମେ' ୧୬ ତାରିଖରେ ଭର୍ତ୍ତି କରାଯାଇଥିଲା ବୋଲି ଜଣାପଡିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସେ ନାନାବତୀ ହସ୍ପିଟାଲର ତୃତୀୟ ମହଲାରେ ଥିବା ଏ-ୱିଙ୍ଗରେ ଅଛନ୍ତି। ପୁଅ ଅଭିଷେକ ବଚ୍ଚନ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଭେଟିଥିଲେ। ସାମ୍ବାଦିକ ଭିକି ଲାଲୱାନୀ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ସୂଚନା ସେୟାର କରିଛନ୍ତି। ଲାଲୱାନୀ କହିଛନ୍ତି ଯେ, ସେ ଅମିତାଭ ବଚ୍ଚନଙ୍କ ହସ୍ପିଟାଲରେ ଭର୍ତ୍ତି ହେବାର ଖବର ଯାଞ୍ଚ କରିବା ପାଇଁ ବ୍ୟକ୍ତିଗତ ଭାବରେ ନାନାବତୀ ହସ୍ପିଟାଲ ପରିଦର୍ଶନ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଅମିତାଭ ବଚ୍ଚନଙ୍କ ହସ୍ପିଟାଲରେ ଭର୍ତ୍ତି ହେବାର ସତ୍ୟାସତ୍ୟ ସ୍ପଷ୍ଟ କରିଛନ୍ତି।

ଏକ ୟୁଟ୍ୟୁବ୍ ଭିଡିଓରେ ଅମିତାଭଙ୍କ ହସ୍ପିଟାଲରେ ଭର୍ତ୍ତି ହେବାର ବିବରଣୀ ଦେଇ ସେ କହିଛନ୍ତି,ମୁଁ ମଙ୍ଗଳବାର ଅପରାହ୍ନରେ ଅମିତାଭଙ୍କ ଭର୍ତ୍ତି ବିଷୟରେ ଜାଣିଲି। ଅମିତାଭଙ୍କୁ ପ୍ରକୃତରେ ଭର୍ତ୍ତି କରାଯାଇଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ମୁଁ ନାନାବତୀ ହସ୍ପିଟାଲକୁ ଯାଇଥିଲି। ସେଠାରେ ମୁଁ ଅପରାହ୍ନ ପ୍ରାୟ ୩:୪୫ ରେ ପହଞ୍ଚିଲି ଏବଂ ମୋର ପଚରାଉଚରା ଆରମ୍ଭ କରିଥିଲି। କିଛି ଗଣମାଧ୍ୟମ ରିପୋର୍ଟ କହୁଛି ଯେ ଅମିତାଭଙ୍କୁ ନିୟମିତ ଯାଞ୍ଚ ପାଇଁ ଭର୍ତ୍ତି କରାଯାଇଥିଲା। ୮୩ ବର୍ଷୀୟ ଅମିତାଭ ବଚ୍ଚନଙ୍କର ୭୫ ପ୍ରତିଶତ ଯକୃତ କ୍ଷତିଗ୍ରସ୍ତ ହୋଇଛି। ସେ ଏବେ ତାଙ୍କ ଯକୃତର ମାତ୍ର ୨୫% ସାହାଯ୍ୟରେ ବଞ୍ଚୁଛନ୍ତି। ଅମିତାଭ ବଚ୍ଚନ ବଲିଉଡରେ ସକ୍ରିୟ ଅଛନ୍ତି। ସେ ବର୍ତ୍ତମାନ ଚାରୋଟି ପ୍ରମୁଖ ଚଳଚ୍ଚିତ୍ରରେ କାମ କରୁଛନ୍ତି, ଯେଉଁଥିରେ ସାଇନ୍ସ ଫିକ୍ସନ୍ ଫିଲ୍ମ 'କଳ୍କି



୨୮୯୮ ଏଡି ପାର୍ଟ ୨' ଏବଂ ୨ବ୍ରହ୍ମାସ୍ତ୍ର ପାର୍ଟ ୨: ଦେବ' ରହିଛି। ସେ 'ଆଙ୍ଖେଁ ୨' ଏବଂ କୋର୍ଟରୁମ୍ ଡ୍ରାମା 'ସେକ୍ସନ୍ ୮୪' ରେ ମଧ୍ୟ କାମ କରୁଛନ୍ତି।

# ଜ୍ୟୋତିକାଙ୍କ ଦୃଷ୍ଟିରେ ବଲିଉଡ୍-କଲିଉଡ୍ ପ୍ରଭେଦ



ଆଜି ଜ୍ୟୋତିକା ଜଣେ ସଫଳ ଅଭିନେତ୍ରୀ ଭାବେ ପରିଗଣିତ। ତେବେ ଆରମ୍ଭରେ ତାଙ୍କୁ ଅନେକ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହି କଥା ମନେପକାଇ ସେ ବଲିଉଡ୍ ଓ କଲିଉଡ୍ ମଧ୍ୟରେ ପ୍ରଭେଦ ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି। ଜ୍ୟୋତିକା ୧୯୯୮ର ବଲିଉଡ୍ ଚଳଚ୍ଚିତ୍ର 'ଡୋଲି ସଜା କେ ରଖ୍‌ନା' ଜରିଆରେ ଅଭିନୟ ଜଗତରେ ପାଦ ରଖିଥିଲେ। ଏ ଚଳଚ୍ଚିତ୍ର ଭଲ ବ୍ୟବସାୟ କରିପାରି ନ ଥିଲା। ଏହା ପରେ ତାଙ୍କ ପାଇଁ ବଲିଉଡ୍‌ର ଦରଜା ଏକପ୍ରକାର ବନ୍ଦ ହୋଇଗଲା। ଅଭିନୟ ଲାଗି ତାଙ୍କୁ ଆଉ ସୁଯୋଗ ମିଳିଲା ନାହିଁ। ସେହି ସମୟରେ ସେ ଗୋଟିଏ ତାମିଲ ଚଳଚ୍ଚିତ୍ରରେ ଅଭିନୟ କଲେ।

ଦୁର୍ଭାଗ୍ୟବଶତଃ ତାହା ମଧ୍ୟ ଭଲ ବ୍ୟବସାୟ କଲା ନାହିଁ। ତେବେ ତାଙ୍କ ଅଭିନୟ ଦକ୍ଷତାକୁ ଦେଖି ସେଠାରେ ସୁଯୋଗର ସୁଅ ଛୁଟିଲା। ଏହା ପରେ ତାମିଲ ଶିଳ୍ପରେ ତାଙ୍କୁ ଅନେକ ପ୍ରକାର ଚରିତ୍ରରେ ଅଭିନୟ କରିବା ସୁଯୋଗ ମିଳିଲା ଏବଂ ସେଠାରେ ହିଁ ସେ ତାରକାର ପରିଚୟ ପାଇଲେ। ଜ୍ୟୋତିକା ଏକମାତ୍ର ଅଭିନେତ୍ରୀ ଯିଏ ପାଞ୍ଚ ଥର ତାମିଲନାଡୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ବଲିଉଡ୍‌ରେ ନିଜକୁ ସୀମିତ ରଖିଥିଲେ ସେ ସେଭଳି ସୁଯୋଗ ପାଇ ନଥାନ୍ତେ ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି।

ଆଉ ଏକ ଦୃଷ୍ଟିରୁ ଦକ୍ଷିଣ ଭାରତୀୟ ଓ ବଲିଉଡ୍ ଶିଳ୍ପ ମଧ୍ୟରେ ଥିବା ପ୍ରଭେଦକୁ ଜ୍ୟୋତିକା ଉଜାଗର କରିଛନ୍ତି। ତାହା ହେଲା- ହିନ୍ଦୀ ଚଳଚ୍ଚିତ୍ରରେ ଏବେ ଯେମିତି ବୟସ୍କ ମହିଳାଙ୍କୁ ଭଲଭାବେ ଚିତ୍ରଣ କରାଯାଉଛି, ଦକ୍ଷିଣ ଭାରତୀୟ ଶିଳ୍ପ ସେ ସ୍ତରକୁ ପହଞ୍ଚି ପାରି ନାହିଁ। ଦୁଇ ବର୍ଷ ତଳେ ସେ ପୁଣି ବଲିଉଡ୍‌କୁ ଫେରିଛନ୍ତି। ଆଗକୁ ତାଙ୍କ ଅଭିନୀତ 'ସିଷ୍ଟମ୍' ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ସେଥିପାଇଁ ସେ ଖୁବ୍ ଉତ୍ସାହିତ ଅଛନ୍ତି।

# ସଲମାନଙ୍କ ଏହି ଫିଲ୍ମ ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ ଡେଜି ଶାହ



ଅଭିନେତ୍ରୀ ଡେଜି ଶାହ ନିଜ ବଲିଉଡ୍ ଡେବ୍ୟୁ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ କଥା ପ୍ରକାଶ କରିଛନ୍ତି। ସଲମାନ ଖାନଙ୍କ ସହ ୨୦୧୪ ମସିହାରେ ଆସିଥିବା 'ଜୟ ହୋ' ଫିଲ୍ମ ଜରିଆରେ ସେ ବଲିଉଡରେ ପ୍ରବେଶ କରିଥିଲେ। ତେବେ ଏହି ଫିଲ୍ମ ପୂର୍ବରୁ ସେ ସଲମାନଙ୍କ ଆଉ ଏକ ସୁପରହିଟ୍ ଫିଲ୍ମ 'ବଡିଗାର୍ଡ'ର ଅଫରକୁ ମନା କରିଥିଲେ। ଡେଜି ଏକ ସାକ୍ଷାତ୍କାରରେ କହିଛନ୍ତି ଯେ 'ବଡିଗାର୍ଡ' ଅଫର ପ୍ରତ୍ୟାଖ୍ୟାନ କରିବା ପରେ ସଲମାନ ଖାନଙ୍କ ପ୍ରତିକ୍ରିୟା ଅତ୍ୟନ୍ତ



ସାଧାରଣ ଥିଲା। ସେ କହିଥିଲେ, ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ଘରେ ନିରବତା ରହିଥିଲା ଏବଂ ପରେ ସଲମାନ କେବଳ "ଠିକ୍ ଅଛି" ବୋଲି କହିଥିଲେ। ସେ ଆହୁରି କହିଛନ୍ତି ଯେ ସଲମାନ ରାଗି ନଥିଲେ, ବରଂ ପରିସ୍ଥିତିକୁ ବୁଝୁଥିଲେ। ଡେଜିଙ୍କ ମତାନୁସାରେ ସଲମାନ ବହୁତ ଯତ୍ନଶୀଳ ମଣିଷ ଏବଂ ସେ ସବୁବେଳେ ସହକର୍ମୀମାନଙ୍କ ଧ୍ୟାନ ରଖନ୍ତି। ଡେଜି ଏହା ମଧ୍ୟ କହିଛନ୍ତି ଯେ, ସେ ସଲମାନଙ୍କ ସହ କଥାହେବା ପୂର୍ବରୁ ବହୁତ ଚିନ୍ତିତ ଥିଲେ। ସେ ଏକ ସପ୍ତାହ ଧରି ଦର୍ପଣ ସମ୍ମୁଖରେ ଅଭ୍ୟାସ କରି ନିଜକୁ ମାନସିକ ଭାବେ ପ୍ରସ୍ତୁତ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ସେ ପରେ ଭାବୁଥିଲେ ଆଉ ଭଲ ଉତ୍ତର ଦେଇପାରୁଥାନ୍ତି। ଶେଷରେ ପ୍ରାୟ ଦେଢ଼ ବର୍ଷ ପରେ ସଲମାନ ଖାନ ପୁଣି ଡେଜିଙ୍କୁ 'ଜୟ ହୋ' ପାଇଁ ଅଡିସନ ଦେବାକୁ କହିଥିଲେ। ଏହି ଫିଲ୍ମରେ ସେ ମୁଖ୍ୟ ଭୂମିକା ପାଇଥିଲେ ଏବଂ ୨୦୧୪ରେ ବଲିଉଡରେ ତାଙ୍କର ଡେବ୍ୟୁ ସଫଳ ହୋଇଥିଲା।

# ବିବାହ ପାଇଁ ବ୍ୟସ୍ତ ନୁହେଁ

ଅଭିନେତ୍ରୀ ସାରା ଅଲୀ ଖାଁଙ୍କ ବୟସର ଅନେକ ଅଭିନେତ୍ରୀ ବିବାହ କରି ସଂସାର ଗଢ଼ିସାରିଥିଲେ ହେଁ ସେ ସେଥିପାଇଁ ଟିକେ ବି ତରବର ନୁହନ୍ତି। ବିବାହକୁ ସେ ବ୍ୟାବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ପସନ୍ଦ କରନ୍ତି। ନିକଟରେ ଏକ ସାକ୍ଷାତ୍କାର ଦେଇ ସେ ଏହାର କାରଣ ପ୍ରକାଶ କରିଛନ୍ତି। ତାଙ୍କ ମତରେ ଆଖପାଖରେ ଦେଖୁଥିବା ଉଦାହରଣରୁ ଆମର ଧାରଣା ଜନ୍ମିଥାଏ। ସେ ଖୁବ୍ ନିକଟରୁ ଦେଖିଛନ୍ତି ଯେ କିଛି ଲୋକଙ୍କ ବିବାହ ବେଶୀ ଦିନ ତିଷ୍ଠି ନଥାଏ ଏବଂ ସେମାନେ ଛାଡ଼ପତ୍ର ଦେବାକୁ ବାଧ୍ୟ ହୁଅନ୍ତି। ବାସ୍ତବରେ ସେ ନିଜ ପିତାମାତା ସୈଫ ଅଲୀ ଖାଁ ଓ ଅମୃତା ସିଂହଙ୍କ ବିବାହ ବିଚ୍ଛେଦକୁ ଇଙ୍ଗିତ କରି ଏ କଥା କହିଛନ୍ତି। ବିବାହର ୧୩ ବର୍ଷ ପରେ ସେମାନଙ୍କ ଛାଡ଼ପତ୍ର ହୋଇଯାଇଥିଲା। ତେଣୁ ଅପେକ୍ଷା କରି ଠିକ୍ ଲୋକକୁ ବିବାହ କରିବା ତା' ଠାରୁ ଭଲ ବୋଲି ସାରା ବିଶ୍ୱାସ କରନ୍ତି। ଠିକ୍ ଲୋକ ମିଳିବା ସମୟ ହିଁ ବିବାହ ଲାଗି ଶ୍ରେଷ୍ଠ ସମୟ। ପୁଣି ବିବାହ ନ କରି ଭଲରେ ବଞ୍ଚିବା ତାଙ୍କୁ ଆସେ। ପରିପୂର୍ଣ୍ଣତାର ଅନୁଭବ ତାଙ୍କ ଲାଗି ଅନାବଶ୍ୟକ, ତେଣୁ ସେ ବିବାହ କରି ପୂର୍ଣ୍ଣତା ଚାହାନ୍ତି ନାହିଁ। ଏବେ ସେ ନିଜେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତି ହେବାକୁ ଚେଷ୍ଟା କରୁଛନ୍ତି। ଯେବେ ତାଙ୍କ ଖୁସିକୁ ଆଦର ଓ ଉତ୍ସବାୟିତ କରିବା ଭଳି କେହି ମିଳିବେ ସେବେ ଯାଇ ସେ ବିବାହ କରିବେ ବୋଲି ପ୍ରକାଶ କରିଛନ୍ତି। ୩୦ ବର୍ଷୀୟ ସାରା ଏବେ ପାଇଁ କେବଳ କାମରେ ଧ୍ୟାନ ଦେବାକୁ ଇଚ୍ଛୁକ।



# କପିକ୍ୟାଟ୍ ଉର୍ବଶୀ

ଆତ୍ମଘୋଷିତ 'ଗ୍ଲୋବାଲ୍ ସୁପରଷ୍ଟାର' ଉର୍ବଶୀ ରୌତେଲା ଗତ ଚାରି ବର୍ଷ ଭଳି ଏ ବର୍ଷ ମଧ୍ୟ ସମ୍ମାନଜନକ କାନ୍ ଚଳଚ୍ଚିତ୍ର ମହୋତ୍ସବରେ ପହଞ୍ଚିଯାଇଛନ୍ତି। ୧୨ ତାରିଖର ଉଦ୍‌ଘାଟନ ଦିବସରୁ ଏ ପର୍ଯ୍ୟନ୍ତ ସେ ସେଠାରେ ଉପସ୍ଥିତ ଅଛନ୍ତି।



ନିକଟରେ ସେ ଦ୍ୱିତୀୟ ଥର ପାଇଁ କାନ୍ ରେଡ୍ କାର୍ପେଟ୍‌ରେ ଦେଖାଦେଇଥିଲେ, ଯାହା ଉର୍ବଶୀଙ୍କୁ ପ୍ରଶଂସା ବଦଳରେ ସମାଲୋଚନାରେ ପୋତି ଦେଇଛି। ଏଥର ସେ ଏକ ସୁନା ଏମ୍ବ୍ରୋଡରି ଥିବା ଆଇଭରି ରଙ୍ଗର ଶାଢ଼ୀ ପିନ୍ଧିଥିଲେ, ଯାହା ସୁନା ଅଳଙ୍କାର ଖଚିତ ବ୍ଲାଉଜ୍ ସହିତ ଖୁବ୍ ସୁନ୍ଦର ଲାଗୁଥିଲା। ତାଙ୍କ ହାତରେ ଥିଲା ଏକ ଗଛ କୁଣ୍ଡ। ତେବେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କୁ ଉର୍ବଶୀଙ୍କ ପରିଧାନରେ ଏକ ସମାନତା ବାରିବାକୁ ଅଧିକ ସମୟ ଲାଗି ନଥିଲା। ତିନି ବର୍ଷ ତଳେ ଭାରତକୁ ଆସିଥିବା ଆମେରିକୀୟ ସୁପରମଡେଲ୍ ଜିଜି ହଦିଦ ଠିକ୍ ଏହି ଶାଢ଼ି ପିନ୍ଧିଥିଲେ। ରୌତେଲାଙ୍କ ଅଳଙ୍କାର ପରିଧାନର ଷ୍ଟାଇଲ୍ ମଧ୍ୟ ମେଳ ଖାଇଯାଉଛି। ଏହି କାରଣରୁ ଉର୍ବଶୀଙ୍କୁ ଏବେ 'କପିକ୍ୟାଟ୍' କହି ପ୍ରବଳ ସମାଲୋଚନା କରାଯାଉଛି। କେହି ତାଙ୍କ ନକଲକୁ ଧରିପାରିବେ ନାହିଁ ବୋଲି ଭାବି ଉର୍ବଶୀ ଏକ ବିଶ୍ୱସ୍ତରୀୟ ମଞ୍ଚରେ କିପରି ଅବତୀର୍ଣ୍ଣ ହୋଇଗଲେ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ଯାହା ହେଉ, ଉର୍ବଶୀ ଏଭଳି ସମାଲୋଚନାରେ ବିଚଳିତ ହେବା ଭଳି ବ୍ୟକ୍ତି ନୁହନ୍ତି। ବିଶ୍ୱ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବା ନେଇ ସେ ଖୁବ୍ ଗର୍ବିତ।

# ପୁଣି ଚର୍ଚ୍ଚାରେ ଈଶା ଅମ୍ବାନୀଙ୍କ ଆଧୁନିକ ରୟାଲ୍ ଲୁକ୍

ନୂଆ ନୂଆ ଲୁକ୍ ଓ ଫ୍ୟାସନ୍ ପାଇଁ ଈଶା ଅମ୍ବାନୀ ବେଶ୍ ଜଣାଶୁଣା । ସବୁଥର ପରି ସେ ପୁଣିଥରେ ତାଙ୍କର ଅଲଗା ଫ୍ୟାସନ୍ ଚଏସ୍ ଦ୍ୱାରା ଚର୍ଚ୍ଚାରେ ଆସିଛନ୍ତି। ଏଥର ସେ ସମ୍ପ୍ରତି କାର୍ଲ୍ ଲାଗରଫେଲ୍ଡଙ୍କ ୧୯୯୬ ଶରତ/ଶୀତ ସଂଗ୍ରହର ଏକ ଭିନଟେଜ୍ ଚାନେଲ୍ ହାଉଟ୍ କୁଟ୍ୟୁର୍ ପୋଷାକ ପିନ୍ଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁନାର ଆଭାରେ ତାଙ୍କର ଏହି ଲୁକ୍ ଆଧୁନିକ ଓ ରୟାଲ୍ ଲାଗୁଥିଲା। ଏହି ପୋଷାକଟି ଏକ ଦୁର୍ଲଭ 'ଲେସାଜ୍' କ୍ୱିଲଟେଡ୍ ପାଣ୍ଟସୁଟ୍, ଯାହା ସହିତ ଗ୍ରିପୋଇକ୍ସ ବେଲ୍ଟ ଥିଲା। ଏହାକୁ 'ଟାବ୍ ଭିନଟେଜ୍'ଠାରୁ ଆଣାଯାଇଥିବା କୁହାଯାଏ ଏବଂ ଏହାର ମୂଲ୍ୟ ପ୍ରାୟ ୩୧.୫ ଲକ୍ଷ ଟଙ୍କା। ଏହି ଡ୍ରେସ୍‌ରେ କାର୍ଲ୍ ଲାଗରଫେଲ୍ଡଙ୍କ ଚିହ୍ନଟ ଶୈଳୀ ସ୍ପଷ୍ଟ ଦେଖାଯାଏ। ଚାନେଲ୍‌ର ଏହି ପୋଷାକରେ ଫ୍ରେଞ୍ଚ କାରିଗରୀ 'ମେଜୋନ୍ ଲେସାଜ୍'ର ସୁନ୍ଦର କାରୁକାର୍ଯ୍ୟ ଦେଖିବାକୁ ମିଳିଥିଲା। କ୍ୱିଲଟେଡ୍ ଡିଜାଇନ୍, ଧନାଢ୍ୟ ବ୍ରୋକେଡ୍ ଫିନିଶ୍ ଓ ଆଲଙ୍କାରିକ ସାଜସଜ୍ଜା ଏହାକୁ ଏକ ଅଲଗା ରାଜସିକ ଆକର୍ଷଣ ଦେଇଥିଲା। ତାଙ୍କର ଲୁକ୍‌କୁ ଆଧୁନିକ କରିବା ପାଇଁ ଈଶା ଅମ୍ବାନୀ ସରଳ ଷ୍ଟାଇଲିଂ ବାଛିଥିଲେ। ସେ ଚାନେଲ୍‌ର କଳା ସୁଏଡ୍ ମିନି ପାଉଚ୍, ସେଣ୍ଟ ଲୋରେଣ୍ଟ ସନଗ୍ଲାସ୍ ଓ ମାନୋଲୋ ବ୍ଲାହନିକ୍ ସ୍ୟାଣ୍ଡାଲ୍ ସହିତ ଏହି ଲୁକ୍‌କୁ ପୂର୍ଣ୍ଣ କରିଥିଲେ। ସରଳ ହେୟାର୍ ଷ୍ଟାଇଲ୍ ଓ ମେକଅପ୍ ଏହାକୁ ଆହୁରି ଅଧିକ ଏଲିଗେଣ୍ଟ କରିଥିଲା। ଏହି ଲୁକ୍‌ରେ ଦାମୀ ଏବଂ ପ୍ରସିଦ୍ଧ ଡିଜାଇନ୍ ଓ ଆଧୁନିକ ଶୈଳୀର ସୁନ୍ଦର ମିଶ୍ରଣ ଦେଖାଯାଇଛି। ଫ୍ୟାସନ୍ ଜଗତରେ 'କ୍ୱାଇଏଟ୍ ଲକ୍ସୁରି' ଟ୍ରେଣ୍ଡ ଚାଲିଥିବା ବେଳେ, ଈଶା ଅମ୍ବାନୀ ତାଙ୍କ କିଛି ଅଲଗା ଶୈଳୀ ସହିତ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି।





# ଇନ୍ଦିରା ଗାନ୍ଧୀ ପାର୍କରେ ପଶୁପକ୍ଷୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଯତ୍ନ ବ୍ୟବସ୍ଥାକୁ ସୁଦୃଢ଼ କଲା ରାଉରକେଲା ଇସ୍ପାତ କାରଖାନା




ରାଉରକେଲା, ୨୧/୦୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ନିଜର ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଇନ୍ଦିରା ଗାନ୍ଧୀ ପାର୍କ ଚିଡ଼ିଆଖାନାରେ ଥିବା ପଶୁ, ପକ୍ଷୀ ଏବଂ ସରୀସୃପମାନଙ୍କୁ ପ୍ରଖର ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଅନେକ ଗୁଡ଼ିଏ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଏହି ବ୍ୟବସ୍ଥାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୧୮ଟି ଭିନ୍ନ ପ୍ରଜାତିର ପ୍ରାୟ ୨୦୦ ବାସିନ୍ଦାଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁସ୍ଥ ପରିବେଶ ନିଶ୍ଚିତ କରିବା। ଗ୍ରୀଷ୍ମକାଳୀନ ଯତ୍ନ ଯୋଜନାର ଏକ ଅଂଶ ସ୍ୱରୂପ, ଚତୁଃପାର୍ଶ୍ୱର ତାପମାତ୍ରା ହ୍ରାସ କରିବା ପାଇଁ ୱାଟର ଟ୍ୟାଙ୍କର ସାହାଯ୍ୟରେ କଲରାପତ୍ରିଆ ବାଘ, ଭାଲୁ, ହରିଣ ଏବଂ ମ୍ୱାଙ୍କଡ଼ ଜାତୀୟ ଜୀବଙ୍କ ଏନକ୍ଲୋଜର ଭିତରେ ନିୟମିତ ଭାବେ ଥଣ୍ଡା ପାଣି ସ୍ପ୍ରେ କରାଯାଉଛି। ଏହା ସହିତ ଅସହ୍ୟ ଗରମରୁ ଅଧିକ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଚିତାବାଘ, ଭାଲୁ, ମାଙ୍କଡ଼, ମୟୂର ଏବଂ ମାକାଓ ପକ୍ଷୀମାନଙ୍କ ଖୁଆଡ଼ରେ ଏୟାର କୁଲର ମଧ୍ୟ ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ପଶୁମାନଙ୍କ ଆରାମ ନିଶ୍ଚିତ କରିବା ପାଇଁ, ଭାଲୁ, ହରିଣ ଏବଂ ଇମୁ ପକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପାଣି କୁଣ୍ଡଗୁଡ଼ିକୁ ଭଲଭାବେ ସଫା କରାଯାଉଛି ଯେପରି ସେମାନଙ୍କୁ ଗାଧୋଇବା ପାଇଁ ସ୍ୱଚ୍ଛ ପାଣି ମିଳିପାରିବ। ଗ୍ରୀଷ୍ମ ଋତୁରେ ସଂକ୍ରମଣରୁ ରକ୍ଷା କରିବା ଏବଂ ସ୍ୱାସ୍ଥ୍ୟପ୍ରଦ ପରିବେଶ ବଜାୟ ରଖିବା ପାଇଁ ନିୟମିତ ଭାବେ ଔଷଧୀୟ ସଂକ୍ରମଣନାଶକ ଦ୍ୱାରା ଖୁଆଡ଼ଗୁଡ଼ିକୁ ବିଶୋଧନ କରାଯାଉଛି। ହରିଣ ଖୁଆଡ଼ ଏବଂ ସମ୍ବର, ନୀଳଗାଈ ଓ ଇମୁ ପକ୍ଷୀମାନଙ୍କ କାଦୁଅ-ପାଣି କୁଣ୍ଡରେ ନିରନ୍ତର ଭାବେ ଥଣ୍ଡା ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରାଯାଉଛି। ଏହା ବ୍ୟତୀତ, ଜଳଶୂନ୍ୟତା ଏବଂ ଗରମ ଜନିତ ମାନସିକ ଚାପରୁ ରକ୍ଷା କରିବା ପାଇଁ ପଶୁମାନଙ୍କୁ ଇଲେକ୍ଟ୍ରୋଲାଇଟ୍ ସପ୍ଲିମେଣ୍ଟ, ରସାଳ ଖାଦ୍ୟ ଏବଂ ଆଣ୍ଟି-ଷ୍ଟ୍ରେସ୍ ଔଷଧ ପାନୀୟ ଜଳରେ ମିଶାଇ ଦିଆଯାଉଛି, ବିଶେଷ କରି ମାଙ୍କଡ଼ ଜାତୀୟ ଜୀବ, ପକ୍ଷୀ ଏବଂ ହରିଣମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ପୃଷ୍ଠଭାଗର ତାପମାତ୍ରା ହ୍ରାସ କରିବା ଏବଂ ଏକ ଶୀତଳ ପ୍ରଭାବ ସୃଷ୍ଟି କରିବା ପାଇଁ ପ୍ରତି ଏକ ଦିନ ଛାଡ଼ି ପଶୁମାନଙ୍କ ଆଶ୍ରୟସ୍ଥଳୀ ଉପରେ ପାଣି ସିଞ୍ଚନ କରିବାକୁ ୱାଟର ଟ୍ୟାଙ୍କର ମଧ୍ୟ ନିୟୋଜିତ କରାଯାଉଛି। ସଂବେଦନଶୀଳ ଏବଂ ବିଲୁପ୍ତପ୍ରାୟ ପ୍ରଜାତିଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି, ଯାହାଦ୍ୱାରା ସେମାନେ ନିଜ ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ ରଖିବା ପାଇଁ ଜଳାଶୟଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, ଇନ୍ଦିରା ଗାନ୍ଧୀ ପାର୍କ ଚିଡ଼ିଆଖାନା ହେଉଛି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସମନ୍ୱିତ ଚିଡ଼ିଆଖାନା, ଯାହା ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଦର୍ଶକଙ୍କୁ ଆକର୍ଷିତ କରିଥାଏ।

# ମୁଖ୍ୟ ରାସ୍ତାକଡ଼ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା: ପ୍ରଶାସନ ଚୁପ୍

ଜୟପୁର, ୨୧/୦୫ (ନି.ପ୍ର): କୋରାପୁଟ ଜିଲାରେ ସହରକୁ ଲାଗି ରହିଥିବା ବିଭିନ୍ନ ସ୍ଥାନରେ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ରଣ୍ଡ ଲକ୍ଷ୍ମୀପୁର, ଲମତାପୁଟ ରେ ରାସ୍ତା କଡରେ ମାଂସ ବିକ୍ରି କରାଯାଉଛି । ମାଂସ ବିକ୍ରି କରିବା ଠିକ୍, କିନ୍ତୁ ରାସ୍ତାକଡରେ ଜୀବହତ୍ୟା କରି ମାଂସ ବିକ୍ରି ହେବାକୁ ସାଧାରଣରେ ନାପସନ୍ଦ କରାଯାଉଛି । ସରକାରୀ ନିୟମାନୁସାରେ ସାର୍ବଜନୀନ ସ୍ଥାନରେ ଜୀବହତ୍ୟା କରିବା ଉଚିତ୍ ନୁହେଁ, କିନ୍ତୁ ଏଠାରେ ନିୟମ ଉଲ୍ଲଙ୍ଘନ କରାଯାଉଛି । ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି । ଏହି ମାଂସ ଦୋକାନ ମାନଙ୍କରେ ପ୍ରତିଦିନ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । ପୁଣି ମୁଖ୍ୟ ରାଜରାସ୍ତା କଡରେ ହତ୍ୟା କରାଯିବା ସହ ପ୍ରବଳ ଦୁର୍ଗନ୍ଧ ହେଉଛି ଏବଂ ପଶୁଙ୍କ ପ୍ରତି ନିଷ୍ଠୁରତାର ସୀମା ଲଙ୍ଘନ କରିଥିବା ଅଭିଯୋଗ ହେଉଛି । ରାସ୍ତାରେ ଥିବା କଂସେଇଖାନା ଗୁଡ଼ିକ ଯୋଗୁଁ ରାସ୍ତାରେ ଯିବାଆସିବା କଷ୍ଟକର ହୋଇପଡୁଛି । ମାଂସବିକ୍ରି ଉପରେ ପ୍ରତିବନ୍ଧକ ନାହିଁ, କିନ୍ତୁ ସାର୍ବଜନୀନ ସ୍ଥଳରେ ଜୀବହତ୍ୟା ଠିକ୍ ନୁହେଁ । ରାସ୍ତାରେ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ଓ ଦୁର୍ବଳ ହୃଦୟ ଲୋକଙ୍କୁ କେମିତି କଷ୍ଟ ହେଉଥିବ ତାହା ସହଜେ ଅନୁମେୟ । ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଇଛି । ଦେଶରେ କଂସେଇଖାନା ଏବଂ ମାଂସଦୋକାନ ନିୟନ୍ତ୍ରଣ ପାଇଁ ଆଇନ ରହିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ-୧୯୬୦ ଅନୁସାରେ ହତ୍ୟା ସମୟରେ ପଶୁମାନଙ୍କୁ ଅନାବଶ୍ୟକ ଯନ୍ତ୍ରଣା ଏବଂ କଷ୍ଟ ନିଷେଧ କରେ । କଂସେଇଖାନା ନିୟମ-୨୦୦୧ ଅନୁସାରେ କଂସେଇଖାନା କରିବା ପାଇଁ ପ୍ରାଣୀ ଚିକିତ୍ସା ବିଭାଗର ପ୍ରମାଣପତ୍ର ଲୋଡ଼ା । ଉନ୍ନତ ଜୀବହତ୍ୟା ପଦ୍ଧତି ଆପଣାଇବା ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ବାଧ୍ୟତାମୂଳକ କରାଯାଇଛି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଅନୁସାରେ ସମସ୍ତ ମାଂସଦୋକାନ ଏବଂ କଂସେଇଖାନା ଗୁଡ଼ିକୁ ଲାଇସେନ୍ସ ପାଇବା ଏବଂ ସ୍ୱଚ୍ଛତା ମାନଦଣ୍ଡ ବଜାୟ ରଖିବା ଆବଶ୍ୟକ ବୋଲି ଦର୍ଶାଯାଇଛି । ସରକାରଙ୍କ ନିୟମାବଳୀ ଅନୁସାରେ ଅବୈଧ କିମ୍ବା ଅସ୍ୱଚ୍ଛ କଂସେଇଖାନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରାବଧାନ ରହିଛି । ମାଂସ ବଜାର ପାଇଁ ସ୍ୱତନ୍ତ୍ର ଜୋନ୍ କରି ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । ସାର୍ବଜନୀନ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ବାରଣ କରାଯାଇଛି । ଏହି ଆଇନ ସତ୍ତ୍ୱେ କୋରାପୁଟ ଜିଲାରେ ତାହା ପାଳନ କରାଯାଉ ନାହିଁ । ଅନେକ କଂସେଇଖାନା ଲାଇସେନ୍ସ କିମ୍ବା ପ୍ରାଣୀ ବିଭାଗର ତଦାରଖ ବିନା ଚାଲିଛି । ତଥାପି ମୁଖ୍ୟ ରାଜରାସ୍ତା କଡରେ ଥିବା କଂସେଇଖାନା ଗୁଡ଼ିକ ବେଶ୍ ଅସ୍ୱଚ୍ଛ ପରିବେଶରେ ଚାଲିଛି, ପ୍ରାଣୀଙ୍କୁ ସର୍ବସମ୍ମୁଖରେ ହତ୍ୟା କରାଯାଉଥିବା ବେଳେ ରକ୍ତ, ଦେହାବଶେଷ ଠିକ୍ ଭାବେ ପ୍ରକ୍ରିୟାକରଣ କରାଯାଉ ନାହିଁ ଓ ନାଳାରେ ଦେହାବଶେଷ ଭସାଇ ଦିଆଯାଉ ଥିବାରୁ ଅଂଚଳରେ ସବୁବେଳେ କୁକୁରମାନେ ଉକ୍ତ ଚମଡାକୁ ଧରି ଏଣେତେଣେ ବୁଲୁଥିବା ଲକ୍ଷ୍ୟ କରାଯାଇଛି ।

## କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ସକାଳେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଜୟଦେବ ଜେନା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ପୃଥିବୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ଜେନା ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# ଜୁନ ୨ ତାରିଖରୁ ଖୋଲିବ ମଣ୍ଡି: ଭିତ୍ତିଭୂମି ଅଭାବରେ ଅନେକ ମଣ୍ଡି

ବୌଦ୍ଧ, ୨୧/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ଜୁନ ୨ ତାରିଖରୁ ମଣ୍ଡି ସବୁ ଖୋଲିବ । ତେବେ ବୌଦ୍ଧ ଜିଲା ପ୍ରଶାସନ ଏନେଇ କେତେ ଦୂର ପ୍ରସ୍ତୁତ ରହିଛି ସେ ନେଇ ଚାଷୀମାନଙ୍କ ମନରେ ଅନେକ ଆଶଙ୍କା ରହିଛି । ଜିଲାରେ ଭିତିଭୂମି ଅଭାବରେ ଅନେକ ମଣ୍ଡି ରହିଛି । କେଉଁ ମଣ୍ଡି ଗାଁ ଖେଳ ପଡିଆରେ ତ ଆଉ କେଉଁ ମଣ୍ଡି ସ୍କୁଲ ପଡିଆରେ ଖୋଲାଯାଉଛି । ଏହାର ପ୍ରକୃଷ୍ଟ ଉଦାହରଣ ଜିଲାର ସଦର ମହକୁମାରେ ଗତ ଧାନ କ୍ରୟ ସମୟରେ ଦେଖିବାକୁ ମିଳିଥିଲା । ଜିଲ୍ଲାପ୍ରଶାସନ, ଜିଲାପାଳ ଓ ଜିଲାର ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନାକତଳେ ଭୈରବୀ ପଡିଆରେ ଧାନ କ୍ରୟ କରାଯାଇଥିଲା । ଏପରି ସ୍ଥଳେ ଭିତିଭୂମି, ଚାଷୀଙ୍କ ପାଇଁ ମୌଳିକ ସୁବିଧା ଖୋଜିଲେ କୋଉଠୁ ମିଳିବ । ଅନ୍ୟପକ୍ଷରେ ମଣ୍ଡି ଗୁଡିକର ଭିତି ଭୂମି ନିର୍ମାଣ କରିବା ଓ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ବାବଦରେ ଲକ୍ଷ ଲକ୍ଷ ଟଙ୍କା ପ୍ରତିବର୍ଷ ଚଲୁ କରାଯାଉଛି । ସବୁବର୍ଷ ପରି ଧର୍ମକୁ ଆଖିଠାର ମାରିବା ନ୍ୟାୟରେ ବୌଦ୍ଧ ଜିଲ୍ଲାରେ ଧାନ ସଂଗ୍ରହ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ସୁବିଧା, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ଧାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ଜୁନ୍ ୨ ତାରିଖରୁ ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ନେଇ ସୂଚନା ଦିଆଯାଇଥିଲା କ୍ଷ ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧,୮୮,୯୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ୮,୨୯୦ ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ୨୪ଟି ପ୍ୟାକ୍ସ ଅଂଶଗ୍ରହଣ କରିବେ ଓ ୧୩ ଟି ମିଲ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ । ବୈଠକରେ ପ୍ରତ୍ୟେକ ପ୍ୟାକ୍ସ ଓ ପିପିସିରେ ପାନୀୟ ଜଳ, ବିଶ୍ରାମ ସ୍ଥଳ, ଶୌଚାଳୟ ଆଦି ମୌଳିକ ସୁବିଧା ଯୋଗାଇଦେବା, ମିନି ଗ୍ରେଡର, ମଏସ୍ଚର ମିଟର, କମ୍ପ୍ୟୁଟରାଇଜ୍ଡ ଓଜନ ଯନ୍ତ୍ର, ତରପୋଲିନ ଓ ପଲିଥିନ ସିଟ୍ ଇତ୍ୟାଦି ବ୍ୟବସ୍ଥା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ପ୍ରତ୍ୟେକ ପିପିସିରେ ସିସିଟିଭି ସ୍ଥାପନ କରାଯାଇ ଜିଲ୍ଲା ଓ ରାଜ୍ୟ କଂଟ୍ରୋଲ ରୁମ୍ ସହ ଲାଇଭ୍ ଫିଡ୍ ସଂଯୋଗ କରାଯିବ । ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ସ୍ତରରେ କଂଟ୍ରୋଲ ରୁମ ଖୋଲାଯିବା ସହ ମଣ୍ଡିଗୁଡିକରେ ନୋଡାଲ ଅଫିସର ଓ ସୁପରଭାଇଜିଂ ଅଫିସର ନିଯୁକ୍ତ କରାଯିବ । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷକ ମାନଙ୍କ ଅଭିଯୋଗ ଶୁଣାଣୀ ସେଲ ଗଠନ ହେବ । ଜିଲ୍ଲା ସ୍ତରୀୟ ଏନଫୋର୍ସମେଂଟ ସ୍କ୍ୱାଡ୍ ଗଠନ କରାଯାଇ ଧାନ ସଂଗ୍ରହ ପ୍ରକ୍ରିୟାର ତଦାରଖ କରାଯିବା ସହ ପଡୋଶୀ ଜିଲ୍ଲାରୁ ଅନଧିକୃତ ଧାନ ପ୍ରବେଶ ରୋକିବା ପାଇଁ ସୀମା ସିଲିଂ କରାଯିବ ବୋଲି ସୂଚନା ଦିଆଯାଇଥିଲା । କୃଷକ ଓ ମିଲର ପ୍ରତିନିଧି ମାନେ ଧାନ କ୍ରୟ ଓ ସଂଗ୍ରହ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକ ପ୍ରତିନିଧି, ମିଲର ପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହଂସଦା ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ବିଧାୟକ ସମସ୍ତ ବିଭାଗ, ମିଲର, ସମବାୟ ସମିତି ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରସ୍ପର ସହଯୋଗରେ ଧାନ ସଂଗ୍ରହ କାର୍ଯ୍ୟ ସଫଳ କରିବାକୁ ଅନୁରୋଧ କରିଥିଲେ । ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ଏବଂ ସଠିକ୍ ଭାବେ ଧାନ କ୍ରୟ କାର୍ଯ୍ୟ ସମ୍ପନ୍ନ ହେବ ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ ମିଲର ମାନଙ୍କୁ ସଚେତନ ଓ ଦାୟିତ୍ୱବାନ ହୋଇ କାମ କରିବା ସହିତ ଶତ ପ୍ରତିଶତ ସଫଳତା ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ବେଆଇନ ପାଥୋ କ୍ଲିନିକ୍ ଉପରେ ଚଢ଼ଉ: ୪ ବେଆଇନ ପାଥୋଲୋଜି କ୍ଲିନିକ ସିଲ୍

ବଲାଙ୍ଗିର, ୨୧/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଅଂଚଳରେ ଚାଲିଥିବା ବେଆଇନ କ୍ଲିନିକ ଓ ପାଥୋଲୋଜି ଲ୍ୟାବ୍ ଗୁଡ଼ିକ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ କରାଯାଇଛି। ବିନା କୌଣସି ବୈଧ ଲାଇସେନ୍ସ କିମ୍ବା ନିୟମାବଳୀକୁ ପାଳନ ନକରି ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ୪ଟି ବେଆଇନ ପାଥୋଲୋଜି କ୍ଲିନିକକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସୂଚନା ଅନୁଯାୟୀ, ବେଲପଡା ବଜାର ଏବଂ ଏହାର ଆଖପାଖ ଅଂଚଳରେ ଦୀର୍ଘ ଦିନ ହେବ କିଛି ଅଣସ୍ୱୀକୃତି ପ୍ରାପ୍ତ ପାଥୋଲୋଜି ଲ୍ୟାବ୍ ଚାଲୁଥିବା ନେଇ ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଅଭିଯୋଗ ମିଳୁଥିଲା। ଏହାକୁ ଆଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଆଜି ହଠାତ୍ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଉକ୍ତ କ୍ଲିନିକ୍ ଗୁଡ଼ିକରେ କୌଣସି ବୈଧ କାଗଜପତ୍ର କିମ୍ବା ଯୋଗ୍ୟତାସମ୍ପନ୍ନ ଟେକ୍ନିସିଆନ୍ ନଥିବା ଦେଖିବାକୁ ମିଳିଥିଲା। ଏହାସହ ନିମ୍ନମାନର ପରୀକ୍ଷା ଯନ୍ତ୍ରପାତି ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରାଯାଉଥିବା ପ୍ରମାଣ ମିଳିଥିଲା। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ଟି ଯାକ କ୍ଲିନିକକୁ ସିଲ୍ କରିବା ସହ ସେମାନଙ୍କର ସମସ୍ତ ସାମଗ୍ରୀ ଜବତ କରିଛନ୍ତି।

# ଖଡ଼ିଆଳଠାରେ ଧାନ ମଣ୍ଡି ଶୁଭାରମ୍ଭ

ନୂଆପଡ଼ା, ୨୧/୦୫ (ନି.ପ୍ର): ରାଜ୍ୟରେ ବରଗଡ଼ ପରେ ନୂଆପଡା ଜିଲ୍ଲାରେ ଆରମ୍ଭ ହେଲା ରବି ଧାନ ମଣ୍ଡି। ଖରିଆର ରୋଡ ନିୟନ୍ତ୍ରିତ ବଜାର କମିଟି ତରଫରୁ ଆଜି ଠାରୁ ନୂଆପଡ଼ା ଜିଲ୍ଲାରେ ରବି ଧାନ କ୍ରୟର ଶୁଭାରମ୍ଭ କରାଯାଇଛି। ଖଡ଼ିଆଳ ଉପ ବଜାର ପ୍ରାଙ୍ଗଣରେ ଏନେଇ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଯୋଗଦେଇ ରବି ଧାନ କ୍ରୟ ପାଇଁ ରହିଥିବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ରବି ଧାନ ବିକ୍ରୟ ପାଇଁ ୧୯,୩୪୭ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ, ଏହା ଗତ ବର୍ଷ ତୁଳନାରେ ୬,୦୫୦ ଜଣ ଅଧିକ ଓ ପ୍ରାୟ ୪୫ ପ୍ରତିଶତ ବୃଦ୍ଧି ହୋଇଛି। ଏହି ବର୍ଷ ଜିଲାରେ ୨୬ ଟି ପେକ୍ସ ମାଧ୍ୟମରେ ୫୧ ଟି ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି । ୨୫ ତାରିଖରୁ ଜିଲ୍ଲାର ପ୍ରାୟ ମଣ୍ଡିରୁ ଧାନ କିଣା ଆରମ୍ଭ ହେବା ନେଇ ସୂଚନା ମିଳିଛି। ଆସନ୍ତା ୨୫ ତାରିଖରୁ ଅନ୍ୟାନ୍ୟ ମଣ୍ଡି ଆରମ୍ଭ ହେବାକୁ ଥିବାବେଳେ ପ୍ରତ୍ୟେକ ମଣ୍ଡିରେ ସିସି କ୍ୟାମେରା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏବର୍ଷ ସାଢ଼େ ସାତ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ରହିଥିବା ବେଳେ ସାଢ଼େ ଚାରିଲକ୍ଷ କ୍ୱିଂଟାଲ ପାଇଁ ଟୋକନ୍ ଆସି ସାରିଛି ବୋଲି ବିଧାୟକ କହିଥିଲେ। ପଡୋଶୀ ଛତିଶଗଡ଼ ରାଜ୍ୟରୁ ଧାନ ନ ଆସିବା ପାଇଁ ଛଅଟି ସ୍ଥାନରେ ସିସି କ୍ୟାମେରା ସହ ଲୋକ ମୁତୟନ ହେବେ ବୋଲି ଜିଲ୍ଲାପାଳ କହିଛନ୍ତି। ଆଜିର ଉଦଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ମେଘ, ଜିଲ୍ଲା ପରିଷଦ ସଦସ୍ୟ ଚିତ ରଞ୍ଜନ ବେହେରା, ସରପଂଚ ସୁବାସିନୀ ପାନ, ପେକ୍ସ ସଭାପତି ଗୋପୀନାଥ ରାଉତ ପ୍ରମୁଖ ମଂଚାସୀନ ଥିବାବେଳେ ଏସିଏସଓ ଖଣ୍ଡୁରାମ ନାଏକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ୩ ଗୋଟି ସଚେତନତା ରଥ ଶୁଭାରମ୍ଭ କରାଯାଇଥିବା ବେଳେ ଏହି ରଥଗୁଡିକ ଜିଲ୍ଲା ସାରା ବୁଲି ଲୋକଙ୍କୁ ସଚେତନତା ସୃଷ୍ଟି କରିବା। ଆଜିର ଏହି କାର୍ଯ୍ୟକ୍ରମରେ ଖଡ଼ିଆଳ ପେକ୍ସର ସମସ୍ତ କର୍ମଚାରୀ ନେତୃତ୍ୱ ନେଇଥିଲେ।

# ୩୪ ଲିଟର ଦେଶୀ ମଦ ଜବତ: ଦୁଇ ଗିରଫ

ଭୁବନ, ୨୧/୦୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ବୁଧବାର ୩୪ ଲିଟର ଦେଶୀ ମଦ ଜବତ କରିବା ସହ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଭୁବନ ଥାନା ଅନ୍ତର୍ଗତ ଶୁଣ୍ଡି କାଟେଣୀ ଓ କୀର୍ତ୍ତନପୁର ଅଂଚଳରେ ଚୋରା ଦେଶୀ ମଦ କାରବାର ହେଉଥିବା ଖବର ପାଇ ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ବୁଧବାର ସକାଳେ ସଦଳବଳେ ପାଟ୍ରୋଲିଂରେ ଯାଇଥିଲେ । ଶୁଣ୍ଡି କାଟେଣୀ ଗ୍ରାମର ସଫା ବେହେରାଙ୍କ ଠାରୁ ୧୬ ଲିଟର ଓ କୀର୍ତ୍ତନପୁର ଗ୍ରାମର ରବି ନାରାୟଣ ଧୀରଙ୍କ ଠାରୁ ୧୮ ଲିଟର ( ସମୁଦାୟ ୩୪ ଲିଟର) ଦେଶୀ ମଦ ଜବତ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଲ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ସହଯୋଗ କରିଥିଲେ । ଏ ସମ୍ପର୍କରେ କେଶ୍ ନଂ ୨୮/୨୦୨୬-୨୭ ଓ ୨୯/୨୦୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ବେଆଇନ ମାଟି ଉତ୍ତୋଳନ ମାମଲାରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ପକ୍ଷଭୁକ୍ତ କରାଯାଉ : କଂଗ୍ରେସ

ଭୁବନେଶ୍ୱର, ୨୧/୦୫ (ନି.ପ୍ର): ପାରାଦ୍ୱୀପ କୁଜଙ୍ଗ ଅଂଚଳରେ ମାଫିଆଙ୍କ ବେଆଇନ ମାଟି ଖନନ ଓ ଏସବୁ କାର୍ଯ୍ୟକଳାପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମ୍ପୃକ୍ତିକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଗୁରୁବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ରେ ପାରାଦ୍ୱୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ପରିବେଶବିତ ଓ କଂଗ୍ରେସ ନେତା ସୁଧାଂଶୁ ଦେଓ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ପିସିସି ମୁଖପାତ୍ର ଡଃ ଦେବାଶିଷ ଭୂୟାଁ ଇଡ଼କୋ ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ୨୦ ଏକର ବିଶିଷ୍ଟ ଏକ ଫାର୍ମ ହାଉସ ଏହି ଅଂଚଳରେ ଅଛି ଏବଂ ମାଟି ଖନନ ହୋଇ ତାଙ୍କ ଫାର୍ମ ହାଉସରେ ହଜାର ହଜାର ଟ୍ରିପ ମାଟି ପକା ଯାଉଛି । ଏହି ବେଆଇନ ମାଟି ଖନନ ମାଫିଆ ମାଷ୍ଟର ମାଇଣ୍ଡ ସବୁ ମନ୍ତ୍ରୀଙ୍କ ପାଖ ଲୋକ ଓ ତାଙ୍କ ଛତ୍ରଛାୟା ତଳେ ଥାଇ ଏସବୁ ବେନିୟମ କାର୍ଯ୍ୟରେ ଲିପ୍ତ ଅଛନ୍ତି । ମନ୍ତ୍ରୀଙ୍କ ସହ ଏମାନଙ୍କ ଫୋଟୋ ସବୁ ଘୁରି ବୁଲୁଛି ଓ କେତେ ଘନିଷ୍ଠ ତାହା ପ୍ରମାଣ କରୁଛି। ତେଣୁ ଏହି ଖନନ ଘଟଣାରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇ ମାମଲା ରୁଜୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ପାରାଦ୍ୱୀପ ଅଂଚଳ ବର୍ତ୍ତମାନ ମାଟି ଓ ବାଲିରେ ମାଫିଆଗିରି ମାଧ୍ୟମରେ ଯେଉଁଭଳି ଲକ୍ଷ ଲକ୍ଷ ଟନ ମାଟି ଉତୋଳନ କରାଯାଉଛି । ଆଗାମୀ ଦିନରେ ଏହି ଅଂଚଳ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଘଟିବା ସହ ଜୈବ ବିଭିଦତା ନଷ୍ଟ ହେବ ଓ କିଛି ବର୍ଷ ମଧ୍ୟରେ ଏହି ଅଂଚଳ ମରୁଭୂମି ପାଲଟିବ ବୋଲି ଉପସ୍ଥିତ କଂଗ୍ରେସ ନେତୃଗଣ ମତ ପ୍ରକାଶ କରିଥିଲେ। ଭବିଷ୍ୟତରେ ଏହାକୁ ରୋକା ନଗଲେ ବିରାଟ ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ପ୍ରୋପେନ୍ ପ୍ଲାଣ୍ଟରେ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ ଅନୁଷ୍ଠିତ

ରାଉରକେଲା, ୨୧/୦୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ୍ ପ୍ଲାଣ୍ଟ ର ପ୍ରୋପେନ୍ ପ୍ଲାଣ୍ଟ-୩ ଠାରେ ୨୦ ମେ ୨୦୨୬ ତାରିଖ ରେ ଏକ ପ୍ରୋପେନ୍ ଗ୍ୟାସ୍ ଅଗ୍ନିକାଣ୍ଡର କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ.ଡି.ଆର.ଏଫ.), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ.ଡି.ଆର.ଏଫ.), ଓଡ୍ରାଫ୍ (ଓ.ଡି.ଆର.ଏଫ.) ସହିତ ଆର.ଏସ.ପି. ର ଅଗ୍ନିଶମ ସେବା ଏବଂ ସେଫ୍ଟି ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଏକ ମିଳିତ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ସାମ୍ବିଧାନିକ ସୁରକ୍ଷା ଆବଶ୍ୟକତା ଅନୁଯାୟୀ ଆର.ଏସ.ପି. ର ଅନ୍-ସାଇଟ୍ (ଅନୁଷ୍ଠାନ ପରିସର ମଧ୍ୟରେ) ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ କର୍ମଚାରୀଙ୍କ ଦକ୍ଷତା ମୂଲ୍ୟାଙ୍କନ କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ମକ୍ ଡ୍ରିଲ୍ ସିଜିଏମ୍ ଇନଚାର୍ଜ (ସର୍ଭିସେସ୍) ଏବଂ କାର୍ଯ୍ୟକାରୀ ଇଡି (ୱାର୍କସ) ଶ୍ରୀ ଅତିଶ ଚନ୍ଦ୍ର ସରକାର, ସିଆଇଏସଏଫର ଡିଆଇଜି ଶ୍ରୀ ବିଷ୍ଣୁ ସ୍ୱରୂପ, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଡେପୁଟି ଡିରେକ୍ଟର ଶ୍ରୀ ବିଭୁ ପ୍ରସାଦ, ଡିଏସପି ଶ୍ରୀ ଜତୀନ୍ଦ୍ର ସେଠୀ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ଶ୍ରୀ ବିଜୟ କୁମାର, ମୁଣ୍ଡଳୀ ତୃତୀୟ ଏନଡିଆରଏଫର ୨୧ସି ଶ୍ରୀ ବର୍ଦ୍ଧମାନ ମିଶ୍ର, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଆସିଷ୍ଟାଣ୍ଟ ଡିରେକ୍ଟର ଶ୍ରୀ ଜି. ମାର୍ଡି ଏବଂ କାରଖାନା ଓ ବଏଲର, ଏନ.ଡି.ଆର.ଏଫ., ଏସ.ଡି.ଆର.ଏଫ., ଓ.ଡି.ଆର.ଏଫ., ସି.ଆଇ.ଏସ.ଏଫ. ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା ସ୍ଥାନୀୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା। ଆର.ଏସ.ପି. ପକ୍ଷରୁ ସିଜିଏମ୍ (ମେଣ୍ଟେନାନ୍ସ) ଶ୍ରୀ ଏସ୍. ଏସ୍. ରାୟଚୌଧୁରୀ, ସିଜିଏମ୍ (ୟୁଟିଲିଟିଜ୍ ଆଣ୍ଡ ଏନଭାଇରନମେଣ୍ଟ) ସୁଶ୍ରୀ ଆଶା କାର୍ଥା, ସିଜିଏମ୍ (ଏଚ୍.ଆ.ର) ଶ୍ରୀ ମାନସ ରଞ୍ଜନ ରଥ, ସିଜିଏମ୍ ( ସେଫଟି ଆଣ୍ଡ ଫାୟାର ) ଶ୍ରୀ ହୀରାଲାଲ ମହାପାତ୍ର, ଜିଏମ୍ (ଏସଇଡି) ଶ୍ରୀ ଅବକାଶ ବେହେରା, ଅନେକ ସିଜିଏମ୍, ସେଫ୍ଟି, ଅଗ୍ନିଶମ ସେବା, ଓ.ଏଚ.ଏସ.ସି ଏବଂ ଅକ୍ସିଜେନ୍ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶ୍ରୀ ଅତିଶ ଚନ୍ଦ୍ର ସରକାର ୱର୍କମ୍ୟାନ୍ କଣ୍ଟ୍ରୋଲର (କାର୍ଯ୍ୟକ୍ଷେତ୍ର ନିୟନ୍ତ୍ରକ) ଭାବେ ଦାୟିତ୍ୱ ତୁଲାଇଥିଲେ। ସାଇଟ୍ ଇନସିଡେଣ୍ଟ କଣ୍ଟ୍ରୋଲର ତଥା ଅକ୍ସିଜେନ୍ ପ୍ଲାଣ୍ଟର ଜିଏମ୍ ଇନଚାର୍ଜ ଶ୍ରୀ ଏସ୍. ଏସ୍. ସାଇନିଙ୍କ ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଘୋଷଣା କରାଯିବା ସହ ମକ୍ ଡ୍ରିଲ୍ ଆରମ୍ଭ ହୋଇଥିଲା। ସମଗ୍ର ଦଳକୁ ତିନୋଟି ଭାଗରେ ବିଭକ୍ତ କରାଯାଇଥିଲା: କମ୍ବାଟ୍ ଟିମ୍ (ମୁକାବିଲା ଦଳ), ରେସକ୍ୟୁ ଟିମ୍ (ଉଦ୍ଧାରକାରୀ ଦଳ) ଏବଂ ଅକ୍ସିଲିଆରି ଟିମ୍ (ସହାୟକ ଦଳ); ଯେଉଁଥିରେ ଏସ.ଡି.ଆର.ଏଫ., ଅକ୍ସିଜେନ୍ ପ୍ଲାଣ୍ଟ, ଅଗ୍ନିଶମ ସେବା ଏବଂ ସି.ଆଇ.ଏସ.ଏଫ. ର ସଦସ୍ୟମାନେ ସାମିଲ ଥିଲେ। କମ୍ବାଟ୍ ଟିମ୍‌ର ନେତୃତ୍ୱ ଜିଏମ୍ (ଅକ୍ସିଜେନ୍ ପ୍ଲାଣ୍ଟ) ଶ୍ରୀ ୟୁ. କେ. ଭୁଜବଳ ଏବଂ ସିନିୟର ମ୍ୟାନେଜର ଶ୍ରୀ ଏମ୍. ପ୍ରଧାନ ନେଇଥିବା ବେଳେ ରେସକ୍ୟୁ ଟିମ୍‌ର ନେତୃତ୍ୱ ଡିଜିଏମ୍ ଶ୍ରୀ ସି. ପି. ବାସ୍କେ ଏବଂ ଏଜିଏମ୍ ଶ୍ରୀ ଆର. ନାୟକ ନେଇଥିଲେ। ଅକ୍ସିଲିଆରି ଟିମ୍‌ର ନେତୃତ୍ୱ ଅକ୍ସିଜେନ୍ ପ୍ଲାଣ୍ଟର ଏଜିଏମ୍ ଶ୍ରୀ ଏସ୍. କେ. ପାଣିଗ୍ରାହୀ ନେଇଥିଲେ। ଜିଏମ୍ (ଅଗ୍ନିଶମ ସେବା) ଶ୍ରୀ ପି. ଏସ୍. ଠାକରେ ଅଗ୍ନିଶମ ସେବା ଦଳ ପକ୍ଷରୁ ସହଯୋଗ ପ୍ରଦାନ କରିଥିଲେ। ଶ୍ରୀ ସରକାର ସମସ୍ତ ସଦସ୍ୟଙ୍କ ମିଳିତ ପ୍ରଚେଷ୍ଟା ଏବଂ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ସେ କାରଖାନାର ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଏଭଳି ଡ୍ରିଲ୍‌ର ସମ୍ପ୍ରସାରଣ କରିବା ଏବଂ ବିପଦ ପ୍ରସ୍ତୁତି ତଥା ବିପର୍ଯ୍ୟୟ ପ୍ରଶମନ ପାଇଁ ଏନ.ଡି.ଆର.ଏଫ. ଦଳର ବିଶେଷଜ୍ଞତାର ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ବିଭୁ ପ୍ରସାଦ ସଙ୍କଟ ପରିଚାଳନା ଏବଂ ବିପଦ ନିୟନ୍ତ୍ରଣ କ୍ଷେତ୍ରରେ ମିଳିତ ମକ୍ ଡ୍ରିଲ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ଜରୁରୀକାଳୀନ ପରିସ୍ଥିତି ସମୟରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର କୁ ଅଧିକ ସୁଦୃଢ଼ କରିଥାଏ। ସିଆଇଏସଏଫର ଡିଆଇଜି ଜରୁରୀକାଳୀନ ପ୍ରସ୍ତୁତି ପାଇଁ ଏଭଳି ନିୟମିତ ମକ୍ ଡ୍ରିଲ୍ ଆୟୋଜନ କରିବାରେ ପ୍ରତ୍ୟେକ ସଂସ୍ଥାର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସେ ପ୍ରତ୍ୟେକ ଦଳ ଏବଂ ସେମାନଙ୍କ ମଧ୍ୟରେ ଥିବା ସମନ୍ୱୟର ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ ଏବଂ ବହୁ-ସଂସ୍ଥାର ସମନ୍ୱିତ ଦଳଗତ ପ୍ରୟାସ ତଥା ସାରା ଦେଶରେ ଚାଲିଥିବା ରିଲିଫ୍ କାର୍ଯ୍ୟରେ ଏନ.ଡି.ଆର.ଏଫ. ର ଭୂମିକାକୁ ପ୍ରଶଂସା କରିଥିଲେ। ଏହି ମକ୍ ଡ୍ରିଲ୍‌କୁ ଶ୍ରୀ ଅବକାଶ ବେହେରା ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ ମ୍ୟାନେଜର (ଏସଇଡି) ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବଜାୟ ରଖିବା ଉଦ୍ଦେଶ୍ୟରେ ଆର.ଏସ.ପି. ର ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ ଗୁଡ଼ିକରେ ସମୟ ସମୟରେ ଏଭଳି ମକ୍ ସେଫ୍ଟି ଡ୍ରିଲ୍ ଆୟୋଜନ କରାଯାଉଛି।

# ଭଦ୍ରକରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

ଭଦ୍ରକ , ୨୧/୫ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବର୍ଷା ଋତୁ ଓ ସମ୍ଭାବ୍ୟ ବନ୍ୟା, ଘୂର୍ଣ୍ଣିଝଡ଼ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତି ନେଇ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଯେନା ସମ୍ପୃକ୍ତ ବିଭାଗଗୁଡ଼ିକୁ ସତର୍କ ଓ ପ୍ରସ୍ତୁତ ରହିବା ସହ ତଳିଆ ଅଞ୍ଚଳର ଲୋକଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ ଓ ଆବଶ୍ୟକ ସେବା ଯୋଗାଣ ନିର୍ବିଘ୍ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାଜଳ ନିଷ୍କାସନ, ନଦୀବନ୍ଧ ସୁରକ୍ଷା, ଜରୁରୀକାଳୀନ ଉଦ୍ଧାର ସାମଗ୍ରୀ ମହଜୁଦ ଓ କଣ୍ଟ୍ରୋଲ ରୁମକୁ ସକ୍ରିୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଚାନ୍ଦବାଲି ବ୍ଲକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ସାମନା କରିବା ସହ ବର୍ଷା ଋତୁ ପୂର୍ବରୁ ବକେୟା ରହିଥିବା ସମସ୍ତ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଶ୍ରୀ ଟୁଟୁ ବଳ ଚାନ୍ଦବାଲି ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ଶୀଘ୍ର ଓ ସୁଚାରୁ ସେବା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାରେ ୩୩ଟି ମେଡିକାଲ୍ ରିଲିଫ୍ ସେଣ୍ଟର ଖୋଲାଯିବା ସହ ପ୍ରତ୍ୟେକ ବ୍ଲକ ଓ ଜିଲ୍ଲା ସ୍ତରରେ ମେଡିକାଲ୍ ଅଫିସରମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ। ଏହାସହ ପ୍ରତ୍ୟେକ ବ୍ଲକରେ ୨ଟି ଲେଖାଏଁ ମୋବାଇଲ୍ ହସ୍ପିଟାଲ୍ ବ୍ୟବସ୍ଥା କରାଯିବ। ଜିଲ୍ଲା ମୁଖ୍ୟାଳୟରେ ହାଲୋଜିନ୍ ବଟିକା ଓ ଓଆରଏସ୍ ପ୍ରଚୁର ପରିମାଣରେ ମହଜୁଦ ଥିବା ସେ ସୂଚନା ଦେଇଥିଲେ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ସିଡିଭିଓଙ୍କୁ ଗୃହପାଳିତ ପଶୁମାନଙ୍କ ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗକୁ ବ୍ଲିଚିଂ ପାଉଡର, ସିନ୍‌ଟେକ୍ସ ଟ୍ୟାଙ୍କ ଓ ଡିଜି ସେଟ୍ ପ୍ରସ୍ତୁତ ରଖିବାକୁ କୁହାଯାଇଥିଲା। ଟିପିଏନଓଡିଏଲ୍, ଡ୍ରେନେଜ୍ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗକୁ ବିପର୍ଯ୍ୟୟ ସମୟରେ ବିଦ୍ୟାଳୟଗୁଡ଼ିକୁ ୨୪ ଘଣ୍ଟା ଖୋଲା ରଖିବା ସହ ସମସ୍ତ ପ୍ରସ୍ତୁତି ପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଗ୍ନିଶମ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

# ଖୋର୍ଦ୍ଧା ପୌର ପରିଷଦ ଟେଣ୍ଡର ଆହ୍ୱାନରେ ଅନିୟମିତତା ଅଭିଯୋଗ : ଦୁଇ କାଉନସିଲର ପ୍ରତିନିଧି ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ

ଖୋର୍ଦ୍ଧା, ୨୧/୫ (ନି.ପ୍ର): ସହରାଞ୍ଚଳ ଉନ୍ନତି କରଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୨୨ଗୋଟି ୱାର୍ଡରେ ରାସ୍ତା,ନାଳ ମରାମତି ଏବଂ ନୂତନ ଭାବେ ନିର୍ମାଣ କରିବାକୁ ଚଳିତ ବର୍ଷ ଏପ୍ରିଲ ମାସ ୨୪ତାରିଖ ଦିନ ଇ - ପ୍ରକ୍ୟୁରମେଣ୍ଟ ନୋଟିସ ନଂ ୧୩୮୮ ମଧ୍ୟମରେ ଅନ ଲାଇନ ପ୍ରକ୍ରିୟାରେ ଟେଣ୍ଡର ଆହ୍ୱାନ ପୌର କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିଲା। ଅନ୍ୟ ପକ୍ଷରେ ଟେଣ୍ଡର ଆହ୍ୱାନ ସମ୍ପର୍କରେ ବିସ୍ତୃତ ଭାବେ ଜଣା ପଡିବା ୱାର୍ଡ ବାସୀ ଏବଂ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ୨୨ଗୋଟି ୱାର୍ଡ ମଧ୍ୟରୁ ମାତ୍ର ୧୪ଗୋଟି ୱାର୍ଡର ୩୫ଗୋଟି ପ୍ରକଳ୍ପ ନିମନ୍ତେ ୨କୋଟି ୧୨ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା।ଏଥି ମଧ୍ୟରୁ ୱାର୍ଡ ନଂ ୪, ୧୧, ୧୨,୧୫ ର ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୋଟ ଟେଣ୍ଡର ମୂଲ୍ୟର ୭୫ପ୍ରତିଶତ ଅର୍ଥ ମଞ୍ଜୁର ହୋଇଥିବାର ଜଣାପଡିଛି। ୱାର୍ଡ ନଂ ୧, ୨, ୫, ୬, ୮, ୧୦,୧୮ ସମ୍ପୂର୍ଣ୍ଣ ଭାବେ ଟେଣ୍ଡର ପ୍ରକ୍ରିୟାରୁ ବାଦ ପଡ଼ିଛି।ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ୧୩ନଂ ୱାର୍ଡ କାଉନସିଲରଙ୍କ ପ୍ରତିନିଧି ରାଜେଶ୍ ପ୍ରଧାନ ଏବଂ ୧୮ନଂ ୱାର୍ଡ କାଉନସିଲର ପ୍ରତିନିଧି ବଦ୍ରି ନାରାୟଣ ସାହୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ ଉଭୟ ୱାର୍ଡ କାଉନସିଲର କାଦମ୍ବିନୀ ରାଉତ ଏବଂ ବିଦ୍ୟୁଲତା ସାହୁ ଚଳିତ ମାସ ପ୍ରଥମ ସୋମବାର ଦିନ ଅନୁଷ୍ଠିତ ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ଭେଟି ବ୍ୟାପକ ଅନିୟମିତତା, ପକ୍ଷପାତିତା ବେନିୟମ ଭାବେ ହାତ ଗଣତି ୱାର୍ଡକୁ ଅନୁକମ୍ପା ମୂଳକ ଭାବେ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ପରିମାଣ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ୱାର୍ଡ ବଞ୍ଚିତ ହୋଇଥିବାର ଅଭିଯୋଗ କରିଥିଲେ।ସେହି ସମାନ ଅଭିଯୋଗ ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ପତ୍ର ଦ୍ୱାରା ଦୁଇ କାଉନସିଲରଙ୍କ ପ୍ରତିନିଧି କରିଥିବାର କହିଛନ୍ତି। ଇତି ମଧ୍ୟରେ ଏପ୍ରିଲ ୨୪ ତାରିଖ ଦିନ ଅନ ଲାଇନରେ ନୋଟିଫିକେଶନ ହୋଇଥିବା ଟେଣ୍ଡର ଆବେଦନ ତାରିଖ ପରେ ତାରିଖ ବୃଦ୍ଧି ବିନା କାରଣରେ ପୌର ପ୍ରଶାସକ କରି ଚାଲିଥିଲେ।ଏହା କରିବାରେ କଣ ଉଦ୍ଦେଶ୍ୟ ରହିଛି ବୋଲି ଠିକାଦାର ,କାଉନସିଲର ଏବଂ ୱାର୍ଡ ବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ଦୁଇ ମହିଳା କାଉନସିଲରଙ୍କ ପ୍ରତିନିଧି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିବା ମାମଲାର ଆଇନଜିବୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ଟେଣ୍ଡରକୁ ବାତିଲ କରିବା ଏବଂ ବର୍ତମାନ ଟେଣ୍ଡର ପ୍ରକ୍ରିୟାରେ ଭଲ ପାଇବା ,ଅନୁକମ୍ପା ,ପକ୍ଷ ପାତିତା ଏବଂ ଅନିୟମିତତା ଅଭିଯୋଗ କାରଣରୁ ବାତିଲ କରିବାକୁ ପୌର ଅଧିକାରୀଙ୍କୁ ନୋଟିସ ଜାରି କରିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ଆଇନଜିବୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି। ଏସବୁ ମଧ୍ୟରେ ପୌର ଅଧିକାରୀ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିଥିବା ବେଳେ ଟେଣ୍ଡର ପ୍ରକ୍ରିୟାରେ ଉଲ୍ଲେଖ ଥିବା ଶ୍ରମିକ ମାନଙ୍କ ପାରିଶ୍ରମିକ ଅର୍ଥ ପରିବର୍ତ୍ତନର ଆବଶ୍ୟକତା ରହିଥିବାରୁ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯାଇଥିବାର କାର୍ଯ୍ୟରତ ଏକ ମାତ୍ର କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଥିବାର କିଛି ବ୍ୟକ୍ତି ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଯାହା ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟ କରିବାର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।ମାତ୍ର ଦୁଇ ମହିଳା କାଉନସିଲରଙ୍କ ପ୍ରତିନିଧି ଶ୍ରୀ ସାହୁ ଏବଂ ଶ୍ରୀ ପ୍ରଧାନ ଜିଲ୍ଲାପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଅବଗତ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ପରେ କିଛି ଠିକାଦାରଙ୍କୁ ଅନୁକମ୍ପା ପୂର୍ବକ ତାରିଖ ପରେ ତାରିଖ ଗଡ଼ାଇ ଦିଆଯାଉଥିବା ଟେଣ୍ଡରକୁ ଶେଷରେ ପୌର ଅଧିକାରୀ ଙ୍କୁ କର୍ତ୍ତବ୍ୟ ବିମୁଢ଼ ଅବସ୍ଥାରେ ବାତିଲ କରିବାକୁ ବାଧ ହୋଇଥିବାର ସାଧାରଣରେ ଆଲୋଚନା ଯୋର ଧରିଛି।

# ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ମାଙ୍କିଡ଼ିଆ ଜନଜାତିର ବିଧବା ମା’ ବାସନ୍ତି

ଉଦଳା, ୨୧/୫ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଦାମାସାହିସ୍ଥିତ ମାଙ୍କିଡ଼ିଆ କଲୋନିରେ ବସବାସ କରୁଥିବା ମାଙ୍କିଡ଼ିଆ ଜନଜାତିର ବିଧବା ମା’ ‘ବାସନ୍ତି’ ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ଥିବାର ଜଣାଇଛନ୍ତି । ଖବର ନେବାରୁ ‘ବାସନ୍ତି’ଙ୍କ ସ୍ୱାମି ନରେନ୍ଦ୍ର ମାଙ୍କିଡ଼ିଆଙ୍କର ଆଜକୁ ୬ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ‘ବାସନ୍ତି’ଙ୍କୁ ଏଥିପାଇଁ



ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ବାସନ୍ତିଙ୍କର ଆଧାର କାର୍ଡ଼ ନଥିବା କଥା ମଧ ସେ କହିଛନ୍ତି । ଆଧାର କାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର ଜଣାଇଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ତାଙ୍କର ଗୁହାରି ଶୁଣିନଥିବାର ବାସନ୍ତି ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବକୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ତେବେ ବିଧବା ମା’ ବାସନ୍ତି ମାଙ୍କିଡ଼ିଆଙ୍କ ଦୁଃଖ ନବୁଝି ଉକ୍ତ ପ୍ରକଳ୍ପ କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ମାଙ୍କିଡ଼ିଆ ଜନଜାତିଙ୍କୁ ମୟୂରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ଅବହେଳିତ ଜନଜାତି ଭାବରେ ସରକାର ଘୋଷଣା କରିଛନ୍ତି । ଏହି ଜନଜାତି ଲୋକଙ୍କର ସୁଖ ଦୁଃଖ ଅଗ୍ରାଧିକାର ଭିତିରେ ସରକାରୀ ବାବୁ ମାନେ ବୁଝୁଛନ୍ତି ବୋଲି ନିୟମିତ ଢ଼ୋଲ ପିଟାଯାଉଛି । କିନ୍ତୁ ଏହାଯେ ଏକ ପ୍ରହସନ ତାହା ବୁଝିବାରେ କିଛି ଅସୁବିଧା ହେଉନାହିଁ । ରାଜ୍ୟ ସରକାର ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

# ଦୁଷ୍କର୍ମ ପରେ ଗୋଡ ହାତ ବନ୍ଧା ବିଧବାଙ୍କୁ ହତ୍ୟା ସନ୍ଦେହ : ମହିଳାଙ୍କ ମୃତଦେହ ଜବତ୍

ବୈଶିଙ୍ଗା , ୨୧/୫ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ପଞ୍ଚାୟତର ବାଲିଆପିଟା ଗ୍ରାମର ଏକ ଘରୁ ଜୈନିକ ବିଧବା ମହିଳାଙ୍କ ଉଲଗ୍ନ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ମହିଳାଙ୍କ ଜଣକ ଉଲଗ୍ନ ଅବସ୍ଥା ପଡିଥିବା ବେଳେ ଗୋଡ ଦୁଇଟା ବନ୍ଧା ଥିବା ସହ ମୁହଁରେ ଲୁଗା ଢଙ୍କା ଯାଇଥିବା ଦେଖିବାକୁ ମିଳିଛି। ତେବେ ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ଗଣେଶ୍ୱରପୁର ଉପକଣ୍ଠ ବାଲିଆପିଟା ଗ୍ରାମରେ। ସୂଚନା ମୁତାବକ ମୃତକ ମହିଳା ଜଣକ ହେଲେ ବାଲିଆପିଟା ଗ୍ରାମର ସ୍ୱର୍ଗତ ରାଜୁ ସିଂଙ୍କ ୫୦ ବର୍ଷିୟ ପତ୍ନି ଅନିତା ସିଂ ଓରଫ ଖନି। ଅନିତାଙ୍କ ଏକମାତ୍ର ପୁଅ ବିରେନ୍ଦ୍ର ବାହାରେ ରହି ସିକ୍ୟୁରିଟି ଭାବେ କାମ କରୁଥିବା ବେଳେ ଅନିତା ଏକାକୀ ଘରେ ରହୁଥିଲେ।ଘର ନିକଟରେ ଛୋଟ ଏକ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ।ତେବେ ଅନିତାଙ୍କ ଦୋକାନକୁ ଆଜି ସକାଳେ ଗ୍ରାମର ଜଣେ ମହିଳା କୌଣସି ଏକ ଜିନିଷ କିଣିବା ପାଇଁ ଯାଇଥିଲେ। ଅନିତାକୁ ଡାକିଥିଲେ ସୁଦ୍ଧା ଅନିତା ନ ବାହାରିବାରୁ ଡାକି ଡାକି ଘର ଭିତରକୁ ଯାଇଥିଲେ। ଘରେ ଦେଖିଲା ବେଳକୁ ଅନିତା ଉଲଗ୍ନ ଅବସ୍ଥା ମରି ପଡିଛି। ତେଣୁ ସେ ଦୌଡି ଯାଇ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଁ ଲୋକେ ଆସି ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ୍ କରି ଅଧିକ ଛାନଭିନ ଆରମ୍ଭ କରିଛି।ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଜଣା ପଡୁଛି ଯେ କୌଣସି ଯୌନ ପିପାସୁ ଅନିତା ଏକୁଟିଆ ରହୁଥିବା ଜାଣି ଏହି ଏହିପରି କାଣ୍ଡ ଭିଆଇଥିବା ଅନୁମାନ କରାଯାଉଛି। ତେବେ ଶବ ବ୍ୟବଛେଦ ହେବା ପରେ ହିଁ ସତ ସାମ୍ନାକୁ ଆସିପାରିବ।ଏହି ଖବର ପାଇ ବେତନଟୀ ଏସ ଡି ପି ଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଆଇଆଇସି ବାରିଣି ଦାସ ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍ ଭିନ୍ କରିଥିଲେ, ତେବେ ଏହି ଦୁଷ୍କର୍ମ ଘଟଣାରେ ଏକ ବା ଏକାଧିକ ବ୍ୟକ୍ତି ଅଛନ୍ତି ତାହା ପରେ ଜଣା ପଡିବ । ପ୍ରାଥମିକ ତଦନ୍ତରୁ ବେକ ଚିପି ହତ୍ୟା କରାଯାଇଥିବା ଜଣା ପଡିଛି ।

# ପୂର୍ବ ଶତୃତାକୁ କେନ୍ଦ୍ରକରି ଯୁବକକୁ ଭୂଜାଲିରେ ହାଣିଲେ ଦୁର୍ବୃତ୍ତ: ଜଣେ ମୃତ, ୩ ଗିରଫ

## ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟ ଦାବିରେ ୪ ଘଣ୍ଟା ଧରି ଉତ୍ତ୍ୟକ୍ତ ଲୋକଙ୍କ ଟାୟାର ଜାଳି ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ

ବସ୍ତା ୨୧/୫(ନିପ୍ର): ଦିନକୁ ଦିନ ରାଜ୍ୟ ତଥା ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି।ଆଇନ ଶୃଙ୍ଖଳା ରକ୍ଷା ଦିଗରେ ସରକାର ଓ ପ୍ରଶାସନ ବିଫଳ ହେଉଥିବା ଯୋଗୁଁ ସାରା ରାଜ୍ୟରେ ଚିନ୍ତାର ବିଷୟ ବସ୍ତୁ ପାଲଟିଛି।ତେବେ ବୁଧୁବାର ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କୁଳିଦା ପଞ୍ଚା ୟତର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜୈନିକ ଯିବାକୁ ଭୁଜାଲିରେ ଜାଣିଲେ ଦୁର୍ବୃତ୍ତ।ଯାଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ଏହି କି ଯେ,ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଯୁଣବଳଦା ଛକ ନିକଟରେ ଯୁବକଙ୍କୁ ସଂଘବଧ ଭାବେ ଭୁଜାଲିରେ ଆକ୍ରମଣ କରିଥିଲେ ଚାରି ଜଣ ଯୁବକ,ଦୁଇ ମାସ ତଳେ ମୋବାଇଲ ଫୋନ ଚୋରି ଘଟଣାକୁ କେନ୍ଦ୍ର ଗଣ୍ଡ ଗୋଳ ହୋଇଥିଲା। ହେଲେ ଉଭୟ ପକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ନ କରିବାକୁ ଏକ ପଞ୍ଚାୟତ ସ୍ତରୀୟ ଲିଖିତ ବୁଝା ମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।ମାତ୍ର ଗତକାଲି ସନ୍ଧ୍ୟାରେ ସଞ୍ଜିତ ଛକ ନିକଟସ୍ଥ



ଏକ ଓଜନ କଣ୍ଟା ନିକଟରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ତାଙ୍କୁ ଚାରି ଜଣ ହଠାତ ସଙ୍ଗବଦ୍ଧ ଭାବେ ଆକ୍ରମଣ କରିଥିଲେ। ପ୍ରଥମେ ଉଭୟ ପକ୍ଷ ମଧ୍ୟରେ ବଚସା ଓ ପରେ ଉଗ୍ରରୂପ ଧାରଣ ହୋଇ ଥିଲେ।୪ ଜଣଙ୍କ ଆକ୍ରମଣରେ ମୃତ ଯୁବକଙ୍କ ବେକ,ଛାତି ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ରେମୁଣା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲେ ସ୍ଥାନୀୟ ଲୋକ,ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।ଆକ୍ରମଣ କରିଥିବା ଚାରି ଜଣଙ୍କ ମଧ୍ୟରୁ ଜଣଙ୍କୁ (ଚିତ୍ତରଞ୍ଜନ)କୁ ସ୍ଥାନିୟ ଲୋକେ କାବୁ କରିଥିଲେ,ପୋଲିସ ଚିତ୍ତରଞ୍ଜନକୁ ପୋଲିସ ଗାଡିରେ ପୋଲିସ ହେପାଜତରେ ରଖିଥିବାରୁ ନ୍ୟାୟ ଦାବି ତଥା ଉକ୍ତ ପୋଲିସ ଗାଡିକୁ ଅଟକ ରଖି ଅଭିଯୁକ୍ତକୁ ଲୋକଙ୍କୁ ହସ୍ତାନ୍ତର ପାଇଁ ଦାବି କରି ଟାୟାର ଜାଳି ରାସ୍ତାର ଉଭୟ ପାର୍ଶ୍ୱକୁ ୪ ଘଣ୍ଟା ଧରି ଅବ ରୋଧ କରିଥିଲେ ସ୍ଥାନୀୟ ଲୋକ।ମୃତ ଯୁବକ ହେଲେ ଯୁଣବ ଳଦା ଗ୍ରାମର କମଳାକାନ୍ତ ମଲ୍ଲିକଙ୍କ ପୁଅ ସଞ୍ଜିତ (୨୪)। ସେ କାମ ସାରି ସଂଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ତାଙ୍କୁ ପଦିମା ଗ୍ରାମର ପ୍ରହ୍ଲାଦ ପାତ୍ରଙ୍କ ପୁଅ ଅନିକେତ ପାତ୍ର,ଗୋପାଳ ସିଂହଙ୍କ ପୁଅ ବୁଲା,ବାଙ୍ଗରା ଓ ଅନ୍ୟ ଜଣେ ଜଳେଶ୍ୱର ଥାନା ଶିଖରପୁର ଅଞ୍ଚଳର ବାପି ଓରଫ ଚିତ୍ତରଞ୍ଜନ ପ୍ରଧାନ ଉକ୍ତ ଯୁବକଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି,ଆକ୍ରମଣ କରି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଆହତ ଯୁବକଙ୍କ ଚିତ୍କାର ଶୁଣି ଅନିକେତ ଏବଂ ଜୈନିକ ସ୍ଥାନୀୟ ଯୁବକ ଚିତ୍ତରଞ୍ଜ ନଙ୍କୁ କାବୁ କରିବାରେ ସଫଳ ହେବା ପରେ ପୋଲିସରେ ଜିମା ଦେଇଥିଲି ସ୍ଥାନୀୟ ଲୋକେ,ମୁଖ୍ୟ ଅଭିଯୁକ୍ତ ଅନିକେତ ଏବେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ଜଣେ ଜଳେଶ୍ୱର ଥାନାରେ ଅଟକ ଥିବା ଜଣାପଡ଼ିଛି। ଅନ୍ୟପଟେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା,କାର୍ଯ୍ୟାନୁଷ୍ଠାନ ଦାବିରେ ୧୬ ନମ୍ବର ଜାତୀୟ ରାଜପଥର ଯୁଣବଳଦା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ ଉତ୍‌ଯକ୍ତ ଜନସାଧାରଣ, ଯାହାଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା,ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣା ସ୍ଥଳରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ଦେବ ଜ୍ୟୋତି ଦାସ,ବସ୍ତା ଏସଡିପିଓ ମାନସ ରଞ୍ଜନ ଦେଓ, ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା, ଥାନାଧିକାରୀ ରଞ୍ଜିତ କୁମାର ସାହୁ,ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କ ସମେତ ଜିଲ୍ଲା ପୋଲିସର ଫୋର୍ସ ମୁତୟନ କରାଯିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାସୁଝା କରିବା ପରେ ପ୍ରାୟ ରାତି ୧୧ ଟା ସମୟରେ ପରିସ୍ଥିତି ଶାନ୍ତ ହୋଇଥିଲା।ପରେ ରାସ୍ତା ରୋକ ହଟିଥିଲା।ପରେ ଗାଡି ଚଳାଚଳ ସ୍ୱାଭିକ ହୋଇଥିଲା।ତେବେ ଆକ୍ରମଣର କାରଣ ପୂର୍ବ ଶତୃତାକୁ କେନ୍ଦ୍ର କରି ଆକ୍ରମଣ କରିଥିବା ଜଣାପଡ଼ିଛି।ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଘଟଣା ସ୍ଥଳରେ ରାତ୍ରି ୩ ଟା ପର୍ଯ୍ୟନ୍ତ ପୋଲିସ ବାହିନୀ ମୁତୟନ କରାଯା ଇଥିଲ।

# ବାରିପଦାରେ “ଗାଁ ଆମ୍ବ ପସରା-୨୦୨୬” ଉଦଘାଟିତ

## ଚାଷୀଙ୍କୁ ସିଧାସଳଖ ବଜାର ସୁବିଧା, ଗ୍ରାହକଙ୍କୁ ସୁଲଭ ଦରରେ ଗୁଣାତ୍ମକ ଆମ୍ବ

ବାରିପଦା, ୨୧/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଆମ୍ବର ପ୍ରଚାର ପ୍ରସାର ସହ ସ୍ଥାନୀୟ ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ୍, ମୟୂରଭଞ୍ଜ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାରିପଦା ଠାରେ “ଗାଁ ଆମ୍ବ ପସରା-୨୦୨୬” କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା ଯୋଗଦେଇ ଫିତା କାଟି ଔପଚାରିକ ଭାବେ ଉଦଘାଟନ କରିଥିଲେ । ଉଦଘାଟନୀ ଅବସରରେ ସେ କହିଥିଲେ ଯେ, ଗ୍ରାମୀଣ ଚାଷୀମାନଙ୍କ ଉତ୍ପାଦକୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ “ଗାଁ ଆମ୍ବ ପସରା” ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହା ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ସହ ସ୍ଥାନୀୟ ଫଳଚାଷକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ଆମ୍ବ ପସରାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡା, ଗୋପାଳଭୋଗ, ରାଜଭୋଗ ଓ ବାଇଗଣପଲେଇ ଭଳି ବିଭିନ୍ନ ପ୍ରଜାତିର ଆମ୍ବ ପ୍ରଦର୍ଶନ



ଓ ବିକ୍ରୟ କରାଯାଉଛି । ପ୍ରଜାତି ଅନୁଯାୟୀ କିଲୋ ପିଛା ୫୫ ଟଙ୍କାରୁ ୮୫ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇଥିବାରୁ ଗ୍ରାହକମାନେ ସୁଲଭ ଦରରେ ତାଜା ଓ ଗୁଣାତ୍ମକ ଆମ୍ବ କ୍ରୟ କରିପାରୁଛନ୍ତି । ସ୍ୱାଦ, ସୁଗନ୍ଧ ଓ ଗୁଣବତ୍ତା ପାଇଁ ପରିଚିତ ମୟୂରଭଞ୍ଜର ଆମ୍ବ ପ୍ରତି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଆଗ୍ରହ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ଏଭଳି ଆୟୋଜନ ମାଧ୍ୟମରେ ଚାଷୀମାନେ ମଧ୍ୟସ୍ଥ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳ ନହୋଇ ସିଧାସଳଖ ଭାବେ ଗ୍ରାହକଙ୍କ ନିକଟକୁ ନିଜ ଉତ୍ପାଦ ପହଞ୍ଚାଇପାରୁଛନ୍ତି । ଏହା ଫଳରେ ଚାଷୀମାନେ ଉଚିତ ମୂଲ୍ୟ ପାଉଥିବା ବେଳେ ଗ୍ରାହକମାନେ ମଧ୍ୟ ଉତ୍ତମମାନର ଆମ୍ବ ସୁଲଭ ଦରରେ ପାଇପାରୁଛନ୍ତି । ମୟୂରଭଞ୍ଜ ଫଳ ଏବଂ ପନିପରିବା କୃଷକ ଉତ୍ପାଦ କମ୍ପାନୀ ଲିମିଟେଡ଼ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଥିବାବେଳେ ଏହା ଆଗାମୀ ଏକ ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ, ଓରମାସ୍ ଡେପୁଟି ସିଇଓ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳଙ୍କ ସମେତ ଓରମାସ୍, ଉଦ୍ୟାନ ବିଭାଗ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ଆମ୍ବ ଚାଷୀ ଏବଂ ବହୁ ସଂଖ୍ୟକ ସାଧାରଣ ଲୋକ ଉପସ୍ଥିତ ଥିଲେ ।

# ଦାଦନ ଖଟିବାକୁ ଯାଇଥିବା ଯୁବକ ମୃତ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଲଙ୍ଗଳେଶ୍ୱର, ୨୧/୫ (ନି.ପ୍ର): ଦାଦନ ଖଟିବାକୁ ଯାଇଥିବା ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମର ଉପେନ୍ଦ୍ର ଦଳାଇଙ୍କ ପୁଅ ସର୍ବେଶ୍ୱର ଦଳାଇ (୨୮) ତାମିଲନାଡୁରେ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ କଷାଫଳ ଗ୍ରାମର ଲେବର ଠିକାଦାର ଆନନ୍ଦ ଦେହୁରୀ ଦୁଇ ମାସ ପୂର୍ବରୁ ଅଧିକ ଅର୍ଥ ଲୋଭର ପ୍ରଲୋଭନ ଦେଖାଇ ସର୍ବେଶ୍ୱରଙ୍କୁ ତାମିଲନାଡୁ ନେଇଯାଇଥିଲା। ଗତ ୨୦ ଚାରି ବୁଧବାର ଦିନ ତାମିଲନାଡୁରୁ ସର୍ବେଶ୍ୱରଙ୍କ ମୃତ୍ୟୁ ନେଇ ଏକ ଫୋନ କଲ ଆସିଥିଲା। ଏନେଇ ସର୍ବେଶ୍ୱରଙ୍କ ସ୍ତ୍ରୀ ଯମୁନା ଦଳାଇ ବୁଧବାର ତାଙ୍କ ସ୍ୱାମୀଙ୍କୁ ଆନନ୍ଦ ଦଳାଇ ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସର୍ବେଶ୍ୱରଙ୍କ ମୃତ ଦେହକୁ ଆଣିବା ଏବଂ ଠିକାଦାର ଆନନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ସରକାର ଏବଂ ପ୍ରଶାସନ କରିଛନ୍ତି। ସର୍ବେଶ୍ୱରଙ୍କ ପରିବାର ଏକ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହିତ ତିନି ବର୍ଷର ପିଲାର ଦାୟିତ୍ୱ ସରକାର ନିଅନ୍ତୁ ବୋଲି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଖଇରାରେ ୨ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

ଖଇରା, ୨୧/୫ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ତହସିଲରେ ଗୁରୁବାର ୨ଅତିରିକ୍ତ ତହସିଲଦାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଖଇରାରେ କାର୍ଯ୍ୟକରି ବସ୍ତାକୁ ଡେପୁଟେସନରେ ବଦଳୀ ହୋଇଥିବା ଅତିରିକ୍ତ ତହସିଲଦାର ଗଦାଧର ସେଠୀକୁ ପୁଣି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଇରାକୁ ଫେରାଇ ଅଣାଯାଇଛି । ସେହିଭଳି ଜିଲା ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶଙ୍କୁ ଅନ୍ୟତମ ଅତିରକ୍ତ ତହସିଲଦାର ଭାବେ ନିଯୁକ୍ତ କରାଯାଇଛି । ସେହିଭଳି ଏଠାରେ ପୂର୍ବରୁ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ରଙ୍କୁ ସୋର ତହସିଲକୁ ବଦଳୀ କରାଯାଇଛି । ଜିଲାପାଳଙ୍କ ଆଦେଶ ନମ୍ବର ୧୮୩/୧୯/୦୫/୨୦୨୬ରେ ଉପରୋକ୍ତ ଅଧିକାରୀଙ୍କୁ ବଦଳୀ କରାଯାଇଛି । ଖଇରାରେ ୨ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ ପରେ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଖଇରା ମୋହରୀର ସଂଘର ସଦସ୍ୟ ମାନେ ତାଙ୍କୁ ଭେଟି ଫୁଲତୋଡା ଓ ଉତ୍ତରୀୟ ଦେଇ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ତହସିଲକୁ ଆସୁଥିବା ଜନସାଧାରଣକୁ କିଭଳି ଉନ୍ନତ ମାନର ସେବା ମିଳିପାରିବ ସେମାନେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଉପରୋକ୍ତ ଅଧିକାରୀ ଦ୍ୱୟ ପ୍ରକାଶ କରିଛନ୍ତି ।

# ନୀଳଗିରିରେ ବିଜେଡ଼ିର ନାରୀ ଅଧିକାର ଅଭିଯାନ ପକ୍ଷ ପାଳନ

ନୀଳଗିରି, ୨୧/୫ (ନି.ପ୍ର): ନୀଳଗିରି ନିର୍ବାଚନମଣ୍ଡଳୀ ବିଜେଡ଼ି ଆନୁକୂଲ୍ୟରେ ନାରୀ ଅଧିକାର ଅଭିଯାନପକ୍ଷ ପାଳନ କରାଯାଇଛି।ଆଜି ପୂର୍ବାହ୍ନ ୯ଘଟିକା ସମୟରେ ନୀଳଗିରି ବାଇପାସ ଠାରେ ଏକହଜାରରୁ ଉର୍ଦ୍ଧ୍ୱ ମହିଳା ବିଜେଡ଼ି ଜନପ୍ରତିନିଧି, ନେତ୍ରୀ, ମହିଳାକର୍ମୀ ଏକତ୍ରିତ ହେବାପରେ ପ୍ରଥମେ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ପଦଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।ପରେ କେସି ହାଇସ୍କୁଲ ପଡିଆରେ ଆୟୋଜିତ ସଭାରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ପ୍ରଥମେ ବନ୍ଦେଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମଞ୍ଚାସିନ ଅତିଥିମାନଙ୍କ ମଧ୍ୟରେ ବିଜେଡ଼ି ଦଳର ବରିଷ୍ଠ ସାଧାରଣସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମହିଳା ସଂଗଠନ ଉପସଭାପତି ତଥା ନାରୀନେତ୍ରୀ ସୁନୀତି ସିଂ, ଯୁବବିଜେଡ଼ି କାର୍ଯ୍ୟକାରିଣୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱରର ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ,ପୂର୍ବତନ ଜିଲ୍ଲାପରିଷଦ ସଭାପତି ଉର୍ମିଳତା ଦାସ,ନୀଳଗିରି ବ୍ଲକଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ମହିଳାନେତ୍ରୀ ତଥା ମୟୂରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥୀନୀ ପ୍ରିତୀନନ୍ଦା କାନୁନଗୋ, ପୂର୍ବତନ ଏସଏସଡ଼ି ଅଧ୍ୟକ୍ଷ ମଦନମୋହନ ମାଝୀ, ପୂର୍ବତନ ଏନ ଏ ସି ସଭାପତି ରବୀନ୍ଦ୍ର ପରିଡ଼ା, ଏନଏସି ୭ ନମ୍ବର ୱାଡ଼ କାଉନସିଲର କମଳାମଣି ପରିଡ଼ା, ବିଜେଡ଼ିର ବରିଷ୍ଠନେତା ରମେଶ ଚନ୍ଦ୍ର ମହାନ୍ତି, ଔପଦା ବ୍ଲକ ସଭାପତି, ନୀଳଗିରି ବ୍ଲକ ସଭାପତି ରାଜୀବ ଦାସବାବୁଙ୍କ ସମେତ ଈଶ୍ୱରପୁର ସେବା ସମବାୟସମିତି ସଭାପତି ଭାଗବତ ଖିଲାର, ପୂର୍ବତନ ବ୍ଲକ ସଭାପତି ଗଙ୍ଗାଧର ମିଶ୍ର ପ୍ରମୁଖ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ ସହିତ ବିଜେପିର ଡବଲଇଞ୍ଜିନ ସରକାରଙ୍କ ଉପରେ ବର୍ଷିଥିଲେ।

# ନବୋଦୟ ସାହିତ୍ୟ ସଂସ୍କୃତି ସମିତି ଦ୍ୱାରା ଆୟୋଜିତ 'ଜାତୀୟ ଆଲୋଚନାଚକ୍ର ଏବଂ ନବ ଉତ୍କଳ ଭାରତୀ ପତ୍ରିକାର ଉନ୍ମୋଚନ'



ଭୁବନେଶ୍ୱର, ୨୧/୫ (ନି.ପ୍ର): ନବୋଦୟ ସାହିତ୍ୟ ସଂସ୍କୃତି ସମିତି ଭୁବନେଶ୍ୱରର ବୁଦ୍ଧ ମନ୍ଦିରର ସଭାଗୃହରେ ଏକ ଦିନିକିଆ ଜାତୀୟ ଆଲୋଚନାଚକ୍ର ଆୟୋଜନ କରିଥିଲା ଏବଂ ଏହାର ମୁଖପତ୍ର 'ନବ ଉତ୍କଳ ଭାରତୀ'ର ଉଦଘାଟନୀ ସଂଖ୍ୟା ଉନ୍ମୋଚନ କରିଥିଲା। ଏହି ସମାରୋହରେ ଡକ୍ଟର ଚିତ୍ତରଞ୍ଜନ ନାହାକଙ୍କ ଦ୍ୱାରା ସଂକଳିତ 'ମାତା କି ସ୍ମୃତି' ମଧ୍ୟ ଉନ୍ମୋଚିତ ହୋଇଥିଲା। ସକାଳ ୯:୩୦ ରେ ପତାକା ଉତ୍ତୋଳନ ସହିତ ସମାରୋହ ଆରମ୍ଭ ହୋଇଥିଲା। କମିଟିର ଅଧ୍ୟକ୍ଷ ଡକ୍ଟର ଅବଦୁଲ ଓସମାନ ଖାନ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଉଦଘାଟନୀ ଅଧିବେଶନ ସକାଳ ୧୦:୦୦ରେ ଆରମ୍ଭ ହୋଇଥିଲା। ଶ୍ରୀମତୀ ସୁଧାଂସୁ ବାଲା ସାହୁ ଏବଂ ଶ୍ରୀମତୀ ରୀନା ରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶ୍ରୀମତୀ ଅଞ୍ଜଳି ରାଣୀ ଦଶାବତାର ନୃତ୍ୟ, ଏକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ, ପ୍ରଭୁ ଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ସହିତ ଉଦଘାଟନୀ ଅଧିବେଶନ ଆରମ୍ଭ ହୋଇଥିଲା। ମଞ୍ଚରେ ଥିବା ଅତିଥିମାନଙ୍କ ମଧ୍ୟରେ ଡକ୍ଟର ଅଜୟ କୁମାର ଥିଲେ। ଶ୍ରୀଯୁକ୍ତ ସୁଦର୍ଶନ ତରାଇ ଏବଂ ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ସିଂହ ମୁଖ୍ୟ ବକ୍ତା ଥିଲେ। ପ୍ରାରମ୍ଭରେ, କମିଟିର ପୃଷ୍ଠପୋଷକ, ହାଓ୍ୱଡାର ହିନ୍ଦୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ-କୁଳପତି ଡକ୍ଟର ଦାମୋଦର ମିଶ୍ର ଅତିଥିମାନଙ୍କୁ ପରିଚୟ କରାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ତାଙ୍କର ଚିନ୍ତାଧାରା ପ୍ରକାଶ କରିଥିଲେ। ୨୦୨୬ ବର୍ଷ ପାଇଁ କମିଟିର ନିଷ୍ପତ୍ତି ଅନୁଯାୟୀ, ଡକ୍ଟର ଅଜୟ କୁମାର ପଟ୍ଟନାୟକଙ୍କୁ ସାହିତ୍ୟ ଶ୍ରୀ ସମ୍ମାନ, ସୁଦର୍ଶନ ତରାଇଙ୍କୁ ରାଷ୍ଟ୍ରୀୟ ଭାଷା ସେବା ସମ୍ମାନ, ଶ୍ରୀଯୁକ୍ତ ଗଣେଶ ପ୍ରସାଦ ଶର୍ମାଙ୍କୁ ସୃଜନ ଶ୍ରୀ ସମ୍ମାନ, ଡକ୍ଟର ଦୁଃଶାସନ ଓଝାଙ୍କୁ ସୃଜନ ଶ୍ରୀ ସମ୍ମାନ ଏବଂ ଆସନସୋଲର ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ସିଂହଙ୍କୁ ହିନ୍ଦୀ ଶିକ୍ଷା ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧିବେଶନଟି କମିଟିର ସଚିବ ଶ୍ରୀମତୀ ପ୍ରତିମା ନଳିନୀ ପତିଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା, ଯେତେବେଳେ କମିଟିର ଉପାଧ୍ୟକ୍ଷ ଡକ୍ଟର ଚତରଞ୍ଜନ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଆଲୋଚନା ଅଧିବେଶନ ପୂର୍ବାହ୍ନ ୧୧ଟାରେ ଡକ୍ଟର ସୁଧାଂସୁ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। ସମାଲୋଚନାର ବିଷୟବସ୍ତୁ ଥିଲା ଭାରତୀୟ ଜ୍ଞାନ ପରମ୍ପରା ଏବଂ ହିନ୍ଦୀ-ଓଡ଼ିଆ ସାହିତ୍ୟ। ରାମଦେବୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ସଞ୍ଜୟ ଜୟସ୍ୱାଲ ଏହି ବିଷୟ ଉପରେ ତାଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ହିନ୍ଦୀ ବିଭାଗର ମୁଖ୍ୟ ସଂଘମିତ୍ରା ଭଞ୍ଜ ଏବଂ ଡକ୍ଟର ସୁପ୍ରିୟା ମିଶ୍ର ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ଅଧିବେଶନଟି ଡକ୍ଟର ବିଜୟ ଲକ୍ଷ୍ମୀ ମହାନ୍ତିଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା ଏବଂ କମିଟିର ସଚିବ ପ୍ରତିମା ନଳିନୀ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ଅପରାହ୍ନ ୧୨ଟାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପୂର୍ବତନ ହିନ୍ଦୀ ବିଭାଗର ମୁଖ୍ୟ ପ୍ରଫେସର ରବିନ୍ଦ୍ର ନାଥ ମିଶ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗର ମୁଖ୍ୟ ଡକ୍ଟର ଅଞ୍ଜୁମାନ ଆରା, ହିନ୍ଦୀ ଶିକ୍ଷାଦାନ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସତ୍ୟ ନାରାୟଣ ପଣ୍ଡା, କମଲ ନେହେରୁ କଲେଜର ଗଣିତ ବିଭାଗର ପ୍ରଫେସର ଏବଂ ବିଶିଷ୍ଟ ବ୍ୟଙ୍ଗକାର ଡକ୍ଟର ରମାକାନ୍ତ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନକୁ ଶୈଳବାଳା ମହାବିଦ୍ୟାଳୟର ହିନ୍ଦୀ ଅଧ୍ୟାପିକା ଇମ୍ରାନା ଇସ୍ରାଏଲ ପରିଚାଳନା କରିଥିଲେ ଏବଂ ପ୍ରୀତିପ୍ରିୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମାପନୀ ଅଧିବେଶନରେ, ହାଓଡ଼ାର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ-କୁଳପତି ପ୍ରଫେସର ଦାମୋଦର ମିଶ୍ର ସମଗ୍ର କାର୍ଯ୍ୟକ୍ରମର ସଫଳତା ଏବଂ ଆଲୋଚନା ଉପରେ ଆଲୋକପାତ କରିଥିଲେ। ଓଡିଶା ଏବଂ ଅନ୍ୟାନ୍ୟ ବିଭିନ୍ନ ରାଜ୍ୟର ପ୍ରଖ୍ୟାତ ସାହିତ୍ୟିକ ଏବଂ ପ୍ରଫେସରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗବେଷଣା ଛାତ୍ର ଏବଂ ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଜାଗାରେ ଚଢ଼ାଉ



ଲଙ୍ଗଳେଶ୍ୱର, ୨୧/୫ (ନି.ପ୍ର): ବାଲିଆପାଳ ବ୍ଲକରେ ଗୁରୁବାର ଅବକାରୀ ବିଭାଗର ମୋବାଇଲ ଡିମ୍ ସ୍କ୍ୱାଡ ପକ୍ଷରୁ ବ୍ଲକ ଛକ ଠାରୁ ଅନତୀ ଦୂରରେ ରାଜାରାଣୀ ଛକ ଠାରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଚୋରା ମଦ ବିକ୍ରି ଉପରେ ଜୈନିକ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ଏବଂ ବିଦେଶୀ ମଦ ଜବତ କରିବା ସହିତ ସ୍ୱାମୀ ସ୍ତ୍ରୀ ଦୁଇ ଜଣଙ୍କୁ ବସ୍ତା ଅବକାରୀ ଥାନାକୁ ନିଆଯାଇଛି। ସେହିପରି ବସ୍ତା ବ୍ଲକରୁ ଦରଡା, ବସ୍ତା ଏବଂ ସିଂଲା ରେ ପୃଥକ ପୃଥକ ଭାବେ ଚଢ଼ଉ କରି ବିପୁଳ ପରିମାଣରେ ମଦ ଜବତ କରିବା ସହ ଅନ୍ୟ ସାତ ଜଣକୁ ଗିରଫ କରାଯାଇଛି। ବାଲିଆପାଳ ବ୍ଲକରେ ବିଭିନ୍ନ ଛକ ବଜାର ଗାଁ ଗହଳି ରେ ଚୋରା ମଦ କାରବାର ବଢୁଛି ,ସବୁ ଜାଣି ଶୁଣି ଅବକାରୀ ବିଭାଗର ନିଷ୍କ୍ରିୟତାତାକୁ ସାଧାରଣରେ ପ୍ରକାଶ ପାଉଛି। ବର୍ଷକୁ ଥରେକି ଦୁଇ ଥର ଲୋକ ଦେଖାଣିଆ ଗୋଟିଏ ଦୁଇଟି ସ୍ଥାନରେ ଚଢାଉ କରି ବାଃ ବାଃ ନେଉଛି। ମାତ୍ର ବିଭାଗର ସ୍ଥାଣୁତା ଏବଂ ଆଇନର ଗଳା ବାଟ ଦେଇ ଅସାଧୁ ଚୋରା ବ୍ୟବସାୟ ମାନେ ମଦର ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ଅଧିକାରୀଙ୍କୁ ଲୋକେ ଖବର ଦେଉଥିଲା ବେଳେ ବିଭାଗର କର୍ମଚାରୀ ଅଭାବ କହି ଖସି ବାକୁ ଚେଷ୍ଟା କରୁଛନ୍ତି ଉପରିସ୍ଥ ଅଧିକାରୀ। ଚୋରା ମଦ ବ୍ୟବସାୟୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିୟମିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଚୋରା ବ୍ୟବସାୟକୁ ବନ୍ଦ କରିବା ପାଇଁ ଜନନୀ ପରିବାରର ସଭାପତି ଆଇନଜୀବୀ ଜ୍ୟୋସ୍ନା ମହାନ୍ତି, ସମାଜସେବୀ ତପସ୍ୱିନୀ କର, ସତ୍ୟକାମ ମହାନ୍ତି ସୁଭଦ୍ରା ରାଉତ, ଝରଣା ରାଉତ, ଯମୁହନା ମଣୀ ମଲ୍ଲୀକ, ସୁଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର, ପ୍ରମୁଖ ଦାବି କରିଛନ୍ତି। ଏହି ଚଢାଉରେ ମୋବାଇଲ ଡିମ୍‌ର ଓଆଇସି ଭବେଶ ଦାସ, ବସ୍ତା ଅବକାରୀ ଓଆଇସି ଜଗନ୍ନାଥ ଭିତିରିଆ,ଏସଆଇ ଦିଲ୍ଲୀପ ମୁର୍ମୁ, ବାଲିଆପାଳ ଏସାଆଇ ରବିନାରାୟଣ ରଣ ପ୍ରମୁଖ ସାମିଲ ହୋଇଥିଲେ।

# ଟ୍ରେନ୍‌ରେ କଟି ଯୁବକ ମୃତ


ବସ୍ତା, ୨୧/୫ (ନି.ପ୍ର): ରୂପସା ଷ୍ଟେସନ ଦକ୍ଷିଣ ପୂର୍ବ ରେଳ ପାଠକ ନିକଟରେ ଟ୍ରେନ୍ ଲାଇନ୍‌ରେ ଅଜଣା ଯୁବକଙ୍କ ମୃତ ଦେହ ଦେଖିବାକୁ ମିଳିଛି। ସୂଚନାରୁ ପ୍ରକାଶ ରୂପସା ଜଙ୍କସନ୍‌ର ଦକ୍ଷିଣ ପୂର୍ବ ରେଳ ଫାଟକ ନିକଟରେ ସକାଳ ସମୟରେ ଟ୍ରେନ୍‌ରେ କଟି ମୃତ ଯୁବକଙ୍କ ଶବ ପଡ଼ି ରହିଥିବା ଦେଖିବାକୁ ମିଳିଛି। ରେଲୱେ ଗେଟ୍ ନିକଟରେ ଶବ ପଡ଼ିଥିବାରୁ ଆତ୍ମହତ୍ୟା ସନ୍ଦେହ କରୁଛି ରେଲୱେ ପୋଲିସ। ଖବର ପ୍ରକାଶିତ ହେବା ପର୍ଯ୍ୟନ୍ତ ଯୁବକଙ୍କ କୌଣସି ପରିଚୟ ମିଳିପାରିନାହିଁ। ରେଲୱେ ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ମହେନ୍ଦ୍ର ମେଳାରେ ଯୋଗ ଦେବାକୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର, ୨୧/୫ (ନି.ପ୍ର): ଜୁନ୍ ୧ରୁ ୯ପର୍ଯ୍ୟନ୍ତ ପୁରୁଷୋତମ ମାସ ଉପଲକ୍ଷେ ଗଜପତି ଜିଲ୍ଲାର ପବିତ୍ର ମହେନ୍ଦ୍ରଗିରିଠାରେ 'ମହେନ୍ଦ୍ର ମେଳା' ଓ ନବକୁଣ୍ଡୀୟ ହରିହର ମହାଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ଗୁରୁବାର ଦିନ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୂଜ୍ୟ ସ୍ୱାମୀ ଭାସ୍କର ତୀର୍ଥ ସରସ୍ୱତୀ ଜୀ ମହାରାଜ ଏବଂ ମହନ୍ତ ଶ୍ରୀ ହରିହର ଦାସ ମହାରାଜ ଜୀଙ୍କ ସହିତ ରାଜ୍ୟପାଳ ଡ଼ା ହରିବାବୁ କମ୍ଭମପତିଙ୍କୁ ଭେଟି ଏହି ପବିତ୍ର ଆଧ୍ୟାତ୍ମିକ ସମାରୋହରେ ଯୋଗଦେବା ପାଇଁ ସାଦର ନିମନ୍ତ୍ରଣ କରିଛନ୍ତି।

# ବେକରେ ରଶିଲଗାଇ ଯୁବକଙ୍କ ଆତ୍ମହତ୍ୟା

ନୀଳଗିରି, ୨୧/୫ (ନି.ପ୍ର): ନୀଳଗିରି ଏନଏସି ୫ ନମ୍ବର ୱାଡ଼ ବରିସାହି ଗ୍ରାମର ଶୁକୁରା ବିଶ୍ୱାଳଙ୍କ ପୁଅ ଅବିନାଶ ବିଶ୍ୱାଳ (୨୫)ଜଣେ ଅଟୋମାଲିକ ତଥା ନିଜେ ଅଟୋ ଚାଳକ ଅଟନ୍ତି। ବୁଧବାର ରାତ୍ରିରେ ଘରେ ଅଟୋନେଇ ପହଞ୍ଚିବାପରେ କୌଣସି କଥାକୁ ନେଇ ବାପା ଓ ପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅବିନାଶ ଉତ୍ୟକ୍ତହୋଇ ନିଜ ଅଟୋର ଆଗ କାଚଭାଙ୍ଗି ଦେଇଥିଲେ। ପରେ ସେ ଘରେ କବାଟଦେଇ ଶୋଇ ପଡ଼ିଥିଲେ। ଗୁରୁବାର ସକାଳେ ଉଠିବାରେ ବିଳମ୍ବହେବାରୁ ପରିବାର ଲୋକ କବାଟଭାଙ୍ଗି ଘରଭିତରେ ପଶିଥିଲେ। ତେବେ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ଅବିନାଶକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ନୀଳଗିରି ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

ADMISSION GOING ON-2026

୨୦୨୬ ମସିହା +୨ ବିଜ୍ଞାନ ଏବଂ କଳା ଫଳାଫଳରେ ଐତିହାସିକ ସଫଳତା



SAI SADHANA SCIENCE HIGHER SECONDARY SCHOOL

DIBYASINGHPUR, UDALA, MAYURBHANJ

The No. 1 Residental Collage for +2 Science & +2 ARTS

TOP 10 STUDENTS OF OUR COLLEGE

100% Result



| SATYAJIT HATI | TANUSHREE SETHY | SUBHENDU BEHERA | NAMITA KHATUA | BISWAJIT SENAPATI |
|---|---|---|---|---|
| 10th - 73.83 % | 10th - 75.16 % | 10th - 59.4 % | 10th - 75.16 % | 10th - 74.5 % |
| + 2 - 92.5 % | + 2 - 90.67 % | + 2 - 87.17 % | + 2 - 86.33 % | + 2 - 85 % |



| BAISHAKHI BINDHANI | KHUSI MOHANTA | RAJASHREE BARIK | CHITTARANJAN BEHERA | NIRLIPTA BISWAL |
|---|---|---|---|---|
| 10th - 74.16 % | 10th - 63 % | 10th - 80 % | 10th - 75.5 % | 10th - 71.17 % |
| + 2 - 84 % | + 2 - 83.83 % | + 2 - 81.33 % | + 2 - 80.33 % | + 2 - 80.17 % |

AC with smart class room ➡ well equipped Laboratory ➡ wifi Library ➡ Separate Hostel for boys & Girls

FOR ADMISSION CONTACT :- 9437294587, 9437443950, 9937557158

P.C. Bindhani
Chairman
Sai Sadhana Trust



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida